# ଭର୍ତ୍ତୃହରିଙ୍କର ସାର କଥା

ଶ୍ରୀମତୀ ଶୈଳବାଳା ପଟ୍ଟନାୟକ,
ଏମ୍. ଏ, ଏଲ୍. ଏଲ୍. ବି

ମୂଲ୍ୟ ବା'ଓଠି ନୂ: ପ: ମାତ୍ର

| | |
|---|---|
| ପ୍ରକାଶକ | ମହିଳା ପୁସ୍ତକ ନିକେତନ<br>ଝାଞ୍ଜିରିମଙ୍ଗଳା, କଟକ-୧ |
| ମୁଦ୍ରାକର | ପ୍ରଗତି ପ୍ରେସ୍,<br>କଟକ-୨ |
| ପ୍ରଥମ ପ୍ରକାଶ | ୧୫-୨-୭୦ |
| ମୂଲ୍ୟ | ବା’ଷଠି ନୂଆ ପଇସା ମାତ୍ର |
| ପ୍ରାପ୍ତିସ୍ଥାନ | ପ୍ରକାଶକଙ୍କର<br>ପୁସ୍ତକ ଦୋକାନ |

..........................

ଶ୍ରୀଚରଣ କମଳେଷୁ !

ବାବୁ,

ବାପା ଚାଲିଗଲା ପରେ ନାନା ଦୁଃଖଦୁର୍ଦ୍ଦିନ କେବଳ ଆପଣଙ୍କର ଆଶୀର୍ବାଦ ଓ ସାହାଯ୍ୟ ନେଇ ପାରି ହୋଇଛି ।

ଏହି 'ଭର୍ତ୍ତୃହରିଙ୍କର ସାରକଥା' ବହି ଖଣ୍ଡିକ ପ୍ରଣତି ଜଣାଇ ନିବେଦନ କଲି ।

କଟକ

ତା୧୭।୨।୭୦

ଝିଅ

ଶୈଳ

| ବିଷୟ | ପୃଷ୍ଠା |
| --- | --- |
| ୧। ଭର୍ତ୍ତୃହରି କିଏ ? | ୧ |
| ୨। ଭର୍ତ୍ତୃହରିଙ୍କ ବିଷୟରେ ଦୁଇଟି ପ୍ରବାଦ | ୨—୪ |
| ୩। ସାର କଥା | ୪—୩୭ |
| ୪। ପ୍ରଥମ ଶ୍ଳୋକ | ୪ ଓ ୩୭ |
| ୫। ନୀତି ଶତକର ନମୁନା | ୩୮ |
| ୬। ଶୃଙ୍ଗାର ଶତକର ନମୁନା | ୩୮ |
| ୭। ବୈରାଗ୍ୟ ଶତକର ନମୁନା | ୩୮ |

## ପ୍ରଶ୍ନ—ଭର୍ତ୍ତୃହରି କିଏ ?

ଉତ୍ତର—ଉଜ୍ଜୟିନୀର ଜଣେ ରାଜାଙ୍କ ପୁଅ । ପ୍ରସିଦ୍ଧ ରାଜା ବିକ୍ରମାଦିତ୍ୟଙ୍କ ସାବତ ଭାଇ । କିନ୍ତୁ ବିକ୍ରମାଦିତ୍ୟ ରାଜା ହୋଇଥିଲେ । ଭର୍ତ୍ତୃହରି ନାନା କାରଣରୁ ସଂସାର ତ୍ୟାଗ କରି ସନ୍ନ୍ୟାସ ଗ୍ରହଣ କରିଥିଲେ । ଶହେଟି ଶ୍ଳୋକରେ ଗୋଟିଏ ଶତକ ହୁଏ । ଭର୍ତ୍ତୃହରି ତିନୋଟି ଶତକ ରଚନା କରିଥିଲେ । ଗୋଟିଏ ହେଉଛି ନୀତି-ଶତକ । କ'ଣ କଲେ ସଂସାରରେ ଭଲରେ ଚଳିହେବ, ତା'ର ସୂତ୍ର ନୀତି-ଶତକରେ ଅଛି । ବିଭିନ୍ନ ଋତୁରେ କିପରି ଭାବରେ ନାରୀ-ସୌନ୍ଦର୍ଯ୍ୟ ପୂଜା କରିବାକୁ ହେବ ସେହି ବିଷୟରେ ସେ ରଚନା କରିଥିଲେ ଶହେଟି ଶ୍ଳୋକ । 'ଶୃଙ୍ଗାର ଶତକ' ନାମରେ ତାହା ପ୍ରସିଦ୍ଧି ଲାଭ କରିଛି । କି କାରଣରୁ ଲୋକ ସଂସାରର ଭୋଗ ବିଳାସରେ ଲିପ୍ତ ନ ରହି ଭଗବାନଙ୍କ ଆରାଧନା କରିବ—ସେହି ବିଷୟରେ ସେ ରଚନା କରିଥିବା ଶହେଟି ଶ୍ଳୋକ 'ବୈରାଗ୍ୟ ଶତକ' ନାମରେ ପ୍ରସିଦ୍ଧ । ଏତେ ଅଳ୍ପ ଲେଖି ଏତେଦିନ ପର୍ଯ୍ୟନ୍ତ ପ୍ରସିଦ୍ଧ ହେବା କ୍ୱଚିତ୍ କବି ଜୀବନରେ ମିଳିଥାଏ । ଅଳ୍ପ ଲେଖି ପ୍ରସିଦ୍ଧ ହେବାର ଆଉ ଗୋଟିଏ ଉଦାହରଣ ଅଛି । ସେ ହେଉଛନ୍ତି ପାରସ୍ୟ ଦେଶର ବିଖ୍ୟାତ କବି ଓମାର ଖୈୟାମ । ଲୋକମୁଖରେ ଶୁଣାଯାଏ ଯେ ଭର୍ତ୍ତୃହରି ମଧ୍ୟ ଭଟ୍ଟିକାବ୍ୟ ରଚୟିତା ।

ପ୍ରଶ୍ନ—ସେ କ'ଣ ମାତ୍ର ଶହେଟି କରି ଶ୍ଲୋକ ନୀତି, ଶୃଙ୍ଗାର ଓ ବୈରାଗ୍ୟ—ତିନୋଟି ଅଧ୍ୟାୟରେ ଦେଇଥିଲେ ?

ଉତ୍ତର—ପ୍ରକୃତରେ ଦେଖାଯାଏ ଯେ ସଂଗ୍ରହ ହୋଇଥିବା ଶତକ ଗୁଡ଼ିକରେ ଶହେରୁ ଅଧିକ ଶ୍ଲୋକ ଅଛି । ତେଣୁ ସେ ପ୍ରକୃତରେ ମାତ୍ର ଶହେଟି କରି ଶ୍ଲୋକ ରଚନା କରିଥିଲେ କି ନାହିଁ—ଏହି ବିଷୟ ସ୍ଥିର ଭାବରେ କୁହାଯାଇ ପାରୁ ନାହିଁ ।

ପ୍ରଶ୍ନ—ଭର୍ତ୍ତୃହରି କାହିଁକି ଏପରି ରଚନା କରିଥିଲେ ?

ଉତ୍ତର—ଶୁଣାଯାଏ ଯେ ଭର୍ତ୍ତୃହରି ତାଙ୍କ ରାଣୀଙ୍କୁ ଭାରି ଭଲ ପାଉଥିଲେ । ଥରେ ଜଣେ ସାଧୁ ଗୋଟିଏ ଅମୃତ ଫଳ ରାଜାଙ୍କୁ ଦେଇଥିଲେ । ସେହି ଫଳ ଖାଇଲେ ମଣିଷ ଆଉ ଥରେ ଯୌବନ ଫେରି ପାଇବ ଓ କେବେହେଲେ ବୁଢ଼ା ହେବ ନାହିଁ । ରାଜା ନିଜେ ସେ ଫଳଟି ନଖାଇ ସେଇଟିକୁ ରାଣୀଙ୍କୁ ଦେଇଥିଲେ । ରାଣୀ ନିଜେ ସେହି ଫଳଟି ନଖାଇ ତାଙ୍କର ପ୍ରିୟପାତ୍ର ଜଣେ ପୁରୁଷକୁ ସେହି ଫଳ ଦେଲେ । ପୁରୁଷଟି ସେହି ଫଳ ନଖାଇ ସେ ଭଲ ପାଉଥିବା ଗୋଟିଏ ନାରୀକୁ ଫଳଟି ଦେଇଥିଲେ । ସେ ନାରୀ ଶେଷରେ ତା'ର ପ୍ରିୟପାତ୍ର ଜଣେ ପୁରୁଷକୁ ଫଳଟି ଦେଲା । ସେହି ଶେଷ ଲୋକଟି ନିଜେ ନଖାଇ 'ରାଜା ଭର୍ତ୍ତୃହରି ଚିର ଯୌବନ ପାଆନ୍ତୁ' ବୋଲି କାମନା କରି ଶ୍ରଦ୍ଧାରେ ଭର୍ତ୍ତୃହରିଙ୍କୁ ଫଳଟି

ଭେଟି ଦେଇଥିଲା । ରାଜା ଭର୍ତ୍ତୃହରି ସେହି ଫଳଟି ପାଇ ଖବର ନେବାରେ ଫଳ କପରି ରାଣୀଙ୍କ ହାତରୁ ଯାଇ ପୁଣି ରାଜାଙ୍କ ପାଖକୁ ଫେରି ଆସିଲା, ତାହାର ବୃତ୍ତାନ୍ତ ଜାଣିଲେ । ରାଜାଙ୍କ ମନ ସଂସାର ପ୍ରତି ବିରୂପ ହୋଇ ଉଠିଲା । ସେ ରାଜ୍ୟ ତ୍ୟାଗକରି ଭଗବାନଙ୍କ ଆରାଧନାରେ ସମସ୍ତ କଟାଇଲେ । ଏହା ଛଡ଼ା ଆଉ ଗୋଟିଏ ମଧ୍ୟ ଗଳ୍ପ ଅଛି ।

ପ୍ରଶ୍ନ—ଆର ଗଳ୍ପଟି କ'ଣ ?

ଉତ୍ତର—ଥରେ ରାଜା ଭର୍ତ୍ତୃହରି ତାଙ୍କ ରାଣୀଙ୍କ ସଙ୍ଗରେ ରାଜନଅରର ଗୋଟିଏ ଝିଡ଼କି ପାଖରେ ଠିଆ ହୋଇଥିଲେ । ରାସ୍ତାରେ ଗୋଟିଏ ବୃଦ୍ଧଙ୍କର ଶବକୁ ନେଇ ଦଳେ ଲୋକ ଯାଉଥିଲେ । ସେହି ଶବଯାତ୍ରା ସାଙ୍ଗରେ ଗୋଟିଏ ସୁନ୍ଦର ସ୍ତ୍ରୀ ହସି ହସି ସୁନ୍ଦର ପୋଷାକ ଓ ଅଳଙ୍କାର ପିନ୍ଧି ଯାଉଥିଲେ । ସେହି ସ୍ତ୍ରୀ ଲୋକଟି ବିଷୟରେ ରାଣୀ ରାଜାଙ୍କୁ ପଚାରିଲେ । ରାଜା କହିଲେ—ସ୍ତ୍ରୀଟି ସ୍ୱାମୀ ସଙ୍ଗରେ ସହ-ମରଣ କରିବ ବୋଲି ହସି ହସି ଯାଉଅଛି । ରାଣୀ ରାଜାଙ୍କୁ ପଚାରିଲେ— 'ସହମରଣ କ'ଣ ଏମିତି ହୁଏ' ? ସେଇ କଥା ସେତିକିରେ ରହିଲା । ରାଜା ରାଣୀଙ୍କ ମନ ପରୀକ୍ଷା କରିବାକୁ ଥରେ ଶିକାରକୁ ଯାଇ ସେଠାରୁ ତାଙ୍କର ଜଣେ ବିଶ୍ୱାସୀ ଲୋକ ହାତରେ ସେ ରାଜା ବାଘହାତ ମରିଯାଇଛନ୍ତି ବୋଲି ଖବର ପଠାଇଲେ । ରାଣୀ ସେହି ଖବର ଶୁଣି ସଙ୍ଗେ ସଙ୍ଗେ ଅଚେତ ହୋଇ ଜୀବନ ତ୍ୟାଗ କଲେ । ଭର୍ତ୍ତୃହରି ଫେରି ଆସି ବଡ଼ ଅନୁତାପ କଲେ । ନଅର ପାଖରେ ଜଣେ ସାଧୁ ବହୁତ ଦିନରୁ ଗଛମୂଳେ ବସି ଦେବ ଆରାଧନା କରୁଥିଲେ । ରାଣୀଙ୍କୁ

ବଞ୍ଚାଇ ଦେବାପାଇଁ ରାଜା ସାଧୁଙ୍କୁ ମିନତି ଜଣାଇଲେ । ସାଧୁ ସେତେବେଳେ ଗୋଟିଏ ହାଣ୍ଡି ଆଣି ରାଜାଙ୍କ ଆଗରେ ଭାଙ୍ଗିଦେଲେ । ରାଜା ଆଶ୍ଚର୍ଯ୍ୟ ହେବାରୁ ତାଙ୍କୁ କହିଲେ – 'ହେ ରାଜା ! ଆପଣ ସବୁ ଦେଇ ପାରନ୍ତି ଓ କରି ପାରନ୍ତି । ମୋର ଏଇ ହାଣ୍ଡି ଟି ଯୋଡ଼ି ଦିଅନ୍ତୁ ।' ରାଜା ସେଥିରେ ନାସ୍ତି କରିବାରୁ ସାଧୁ କହିଥିଲେ – 'ଜୀବନ ଦୀପ ଥରେ ଲିଭିଗଲେ ସେହି ଦୀପକୁ ଆଉ ଜଳାଇ ହୁଏ ନାହିଁ । ରାଣୀ ଆଉ ବଞ୍ଚିବେ ନାହିଁ ।' ରାଜାଙ୍କ ମନରେ ଘୋର ଅନୁତାପ ଆସିଲା । ସେ ରାଜ୍ୟ ଛାଡ଼ି ସନ୍ନ୍ୟାସ ଗ୍ରହଣ କଲେ । ଏଇ ଦୁଇଟି ଗଳ୍ପରୁ କେଉଁଟି ଠିକ୍ ବୁଝିବା କଷ୍ଟ । ତାଙ୍କର ପ୍ରଥମ ଶ୍ଳୋକ ସ୍ପଷ୍ଟ ସୂଚନା ଦେଇପାରେ ନାହିଁ ।

ପ୍ରଶ୍ନ—ପ୍ରଥମ ଶ୍ଳୋକଟି କ'ଣ ?

ଉତ୍ତର—ଏହା ବହି ଶେଷରେ ସ୍ୱତନ୍ତ୍ର ଭାବରେ ଦିଆ ହୋଇଛି । ସେଠାରେ ମଧ୍ୟ ତାଙ୍କର ପ୍ରତ୍ୟେକ ଶତକରୁ ଗୋଟିଏ ଗୋଟିଏ ନମୁନା ଦିଆ ହୋଇଛି । ସେଥିରୁ ତାଙ୍କର ବିଷୟରେ ଧାରଣା କରି ହେବ ।

ପ୍ରଶ୍ନ—ପ୍ରୀତିକୁ କାହିଁକି ଧିକ୍କାର କରିବ ?

ଉତ୍ତର—ସମସ୍ତେ ଅଳପ ବହୁତ ଅନ୍ୟକୁ ଭଲ ପାଇ ଅନେକ ସମୟ ସେଥିରେ କଟାଇ ଦିଅନ୍ତି । ଭର୍ତ୍ତୃହରି ତାଙ୍କର ନୀତି ଶତକରେ ପ୍ରଥମରେ ଏହି ବିଷୟ କହିଛନ୍ତି । ମୁଁ ମୋର ପ୍ରିୟତମାକୁ ସବୁବେଳେ ମନରେ ଧରି ରଖିଛି । କିନ୍ତୁ ସେ ମୋ ପ୍ରତି ବିରକ୍ତ ହୋଇ ଅନ୍ୟ ପୁରୁଷର ଚିନ୍ତାକୁ ନିଜ

ମନରେ ସ୍ଥାନ ହେଉଛନ୍ତି । ଆଉ ସେହି ଲୋକ ଅନ୍ୟ ସ୍ତ୍ରୀ କଥା ସବୁବେଳେ ଭାବୁଛି । ଆଉ ସେହି ସ୍ତ୍ରୀ ସେହି ଲୋକକୁ ଛାଡ଼ି ମୋର କଥା ଭାବୁଛି । ତେଣୁ ସନ୍ୟାସୀଙ୍କୁ ଧିକ୍—ମୋତେ ଧିକ୍ ! ଯେଉଁ ସ୍ତ୍ରୀ କଥା ମୁଁ ସବୁବେଳେ ଭାବୁଛି, ସେହି ସ୍ତ୍ରୀକୁ ଧିକ୍ ! ଆଉ ଯେଉଁ କାମଦେବଙ୍କ ପ୍ରେରଣାରେ ଏତେ ଅମଙ୍ଗଳ ଘଟୁଛି ତାଙ୍କୁ ମଧ୍ୟ ଧିକ୍ ! ଠିକ୍ ଭାବରେ ଘଟଣାକୁ ନିରେଖି ଦେଖିଲେ ଏଥିରେ ସମସ୍ତ ବା ଶତ୍ରୁ ନଷ୍ଟ କରିବା ଉଚିତ ନୁହେଁ ।

ପ୍ରଶ୍ନ—ଅଳ୍ପ ବିଦ୍ୟା କେମିତି ଭୟଙ୍କର ?

ଉତ୍ତର—ମୂର୍ଖକୁ ବୁଝାଇ ହେବ । କାରଣ ସେ କିଛି ଜାଣେ ନାହିଁ । ବେଶି ଜାଣିଥିବା ଲୋକକୁ ସହଜରେ ବୁଝାଇ ହେବ । କାରଣ ସେ ବହୁତ କଥା ଜାଣିଛି । କିନ୍ତୁ ଯେଉଁ ଲୋକର ଅଳପ ଜ୍ଞାନ, ତାକୁ ନିଜେ ବ୍ରହ୍ମା ବି ବୁଝାଇ ପାରିବେ ନାହିଁ । କାରଣ ତା'ର ଅଳପ ଜ୍ଞାନରେ ସେ ଭୁଲଟାକୁ ମିଛ ବୋଲି ବା ଠିକ୍‌ଟାକୁ ସତ ବୋଲି ଗ୍ରହଣ କରି ପାରିବ ନାହିଁ ।

ପ୍ରଶ୍ନ—ମୂର୍ଖ ମନକୁ କ'ଣ ବଦଳାଇ ହେବ ?

ଉତ୍ତର—ନା । ମଣିଷ ବଳ ଦ୍ୱାରା ମଗର ପରି ଭୀଷଣ ଜଳଜନ୍ତୁଙ୍କୁ ଆୟତ୍ତ କରି ସମୁଦ୍ରରୁ ମାଣିକ କାଢ଼ି ପାରିବ । ବୁଦ୍ଧି ଦ୍ୱାରା ମଣିଷ ସମୁଦ୍ରର ଭୟଙ୍କର ଢେଉ ସହଜରେ ପାରି ହୋଇ ପାରିବ । ବିଷଧର ସାପକୁ ମଣିଷ ଆୟତ୍ତ କରି ମୁଣ୍ଡ ଉପରେ ଥୋଇପାରିବ; କିନ୍ତୁ ମୂର୍ଖର ମନ ଯଦି କୌଣସି ଗୋଟିଏ କାମରେ ଖଟିଯାଇଛି, ତେବେ ସେଥିରୁ ତାକୁ ଉଠେଇ ହେବ ନାହିଁ ।

ପ୍ରଶ୍ନ—କେମିତି ?

ଉତ୍ତର—ଏଇ ବାଲି ଆଉ ମାଟିକୁ ଥରକୁ ଥର ଶୋଧନ କଲେ ଏଥିରୁ ତେଲ ବାହାରିପାରେ। ଖରାଦିନେ ତତଲା ବାଲି ଉପରେ ମରୀଚିକା ଦେଖି ମଣିଷ ଅସମ୍ଭବ ହେଲେ ବି ତା'ର ଶୋଷ ସେଥିରୁ ମାରିପାରିବ। ବୃଣଆଡ଼େ ବୁଲିଲେ ଶିଙ୍ଗଥିବା ଠେକୁଆ ମିଳିଲେ ମିଳିପାରେ। ଏଇ ସବୁ ଅସମ୍ଭବ କଥା ସମ୍ଭବ ହୋଇପାରେ, କିନ୍ତୁ ମୂର୍ଖଲୋକ ଥରେ ଯୁଆଡ଼େ ଝୁଙ୍କିଛି, ସେଥିରୁ ତାକୁ ହଟେଇବା ଏକାବେଳକେ ଅସମ୍ଭବ।

ପ୍ରଶ୍ନ—ଦୁଷ୍ଟକୁ ଅମୃତ କଥା କହିଲେ ସେ କ'ଣ ଭଲ ବାଟରେ ଯିବ ?

ଉତ୍ତର—ଅସମ୍ଭବ ! ପଦ୍ମର ନାଡ଼ରେ ଦଉଡ଼ି କରି ସେଥିରେ ହାତୀ ବାନ୍ଧିବା ଯେମିତି, ଶିରୀଷ ଫୁଲର ପାଖୁଡ଼ାରେ ହୀରା ଦେହରେ ଗାର ପକାଇବା ଯେମିତି, ଟୋପାଏ ମହୁ ନେଇ ସେଥିରେ ସମୁଦ୍ରକୁ ମିଠା କରିବା ଯାହା—ଦୁଷ୍ଟକୁ ଭଲ କଥା କହି ଭଲ ବାଟକୁ ଆଣିବା ଠିକ୍ ସେୟା।

ପ୍ରଶ୍ନ—କିଏ ମୌନ ରହେ ?

ଉତ୍ତର—ବେଶି ଜାଣିଥିବା ଲୋକ କହିବାକୁ ଚାହେଁ ନାହିଁ। ନଜାଣିଥିବା ଲୋକକୁ ବୁଝାଇବାକୁ ଭଲପାଏ ନାହିଁ ବୋଲି ମଉନ ରହେ। କିନ୍ତୁ ନ ଜାଣିଥିବା ଲୋକ ଜାଣିଥିବା ଲୋକଙ୍କ ମେଳରେ କାଳେ ଧରା ପଡ଼ିଯିବ ବୋଲି ଭୟ କରି ଚୁପ୍ ରହେ। କିନ୍ତୁ ଜ୍ଞାନ ଥିବା ଲୋକେ ଜ୍ଞାନୀଙ୍କ ମେଳରେ ଚୁପ୍ ହୋଇ ରହନ୍ତି ନାହିଁ।

ପ୍ରଶ୍ନ—ଜ୍ଞାନୀ କିଏ ?

ଉତ୍ତର—କିଛି ଜାଣିଗଲେ ମନକୁ ଅହଙ୍କାର ଆସେ । ସେତେବେଳେ ମନେହୁଏ ଯେ ମୁଁ ସବୁ ଜାଣିଛି । ପୁଣି ସେହି ବିଷୟରେ ବହୁତ ଜାଣିଥିବା ଲୋକଙ୍କ ସାଙ୍ଗରେ ମିଶିଲେ ମନରୁ ଗର୍ବର ଭାବ ଆପଣା ମନକୁ ଉଭେଇ ଯାଏ । ପଣ୍ଡିତ ଲୋକେ ଯେତେବେଳେ ବୁଝନ୍ତି ଯେ ସେମାନେ ସବୁକଥା ଜାଣି ନାହାନ୍ତି, ଆଉ ସେଥିପାଇଁ ତାଙ୍କ ମନରେ ବିନୟ ଆସେ —ସେତିକିବେଳେ ସେମାନଙ୍କୁ ଜ୍ଞାନୀ କୁହାଯାଏ । ଗର୍ବ ଥିବାଯାକେ ସେମାନେ ମୂର୍ଖ ।

ପ୍ରଶ୍ନ—ଅଧମ ଲୋକ କାହିଁକି କୁକୁର ସଙ୍ଗରେ ସମାନ ?

ଉତ୍ତର—କୁକୁର ଶୁଖିଲା ହାଡ଼ ଖଣ୍ଡେ ନର୍ଦ୍ଦମାରୁ ଗୋଟେଇ ଆଣି ଯେତେବେଳେ ପାଟିରେ ଧରି ଯାଉଥାଏ, ସେତେବେଳେ ଯେ କେହି ତା' ଆଗରେ ପହଞ୍ଚିଗଲେ ବି ସେ ଡରେ ନାହିଁ । ସେ ବଡ଼ ଆନନ୍ଦରେ ସେଇ ମଇଳା ଶୁଖିଲା ହାଡ଼ଟିରେ ଆପଣା ମନକୁ ଲଗାଇ ରଖେ । ଅଧମ ଲୋକେ ସେହିପରି ଅତି ସାମାନ୍ୟ ଜିନିଷ ଟିକେ ଗୋଟେଇ ନେଇ ଆନନ୍ଦରେ ମଜ୍ଜି ରହନ୍ତି । ତାଙ୍କର କୌଣସି ଭଲ ଜିନିଷ ପ୍ରତି ମମତା ଆସେ ନାହିଁ । ତେଣୁ ଏଇ ପ୍ରକାରର ନୀଚମନା ଲୋକଙ୍କୁ କୁକୁର ନ କହି ଆଉ କ'ଣ କହିବ ?

ପ୍ରଶ୍ନ—ହତଲକ୍ଷ୍ମୀ ଲୋକ କେମିତି ?

ଉତ୍ତର—ସେମାନେ ଠିକ୍ ନଈ ପରି । ପାହାଡ଼ରୁ ପାହାଚ ପାହାଚ ହୋଇ ତଳକୁ ଓହ୍ଲାନ୍ତି । ତାଙ୍କର ଶକ୍ତି ଓ ତେଜ ଜଣା

ହୁଏ । ଗଲାବେଳେ ଯିବା ବାଟକୁ ଗୁହାରି କରି ଦିଅନ୍ତି । ଶେଷରେ ଯାଇ ନଈ ସମୁଦ୍ରରେ ପଡ଼େ । ଆଉ ମଣିଷ ତଳକୁ ତଳକୁ ଖସି ଶେଷରେ ସଂସାର ଓ ସମାଜରୁ ଫୋପଡ଼ା ହୁଏ ।

ପ୍ରଶ୍ନ—ମୂର୍ଖାମୀର କ'ଣ ଉପାୟ ଅଛି ?

ଉତ୍ତର—ସଂସାରରେ ସବୁ ବିପଦର ପ୍ରତିକାର ଅଛି । ପାଣି ଢାଳିଲେ ନିଆଁ ଲିଭେ । ଛତା ଟେକିଲେ ଖରାରେ ଯାଇ ହୁଏ । ହାତୀ ପରି ଜୀବକୁ ଅଙ୍କୁଶରେ ଶାସନ କରାଯାଇପାରେ । ଗଧ ଓ ବଳଦଙ୍କୁ ମାଡ଼ଦ୍ୱାରା ଶାସନ କରି ହୁଏ । ବିଷକୁ ମନ୍ତ୍ରରେ କାଟି ହୁଏ । ଔଷଧରେ ରୋଗକୁ ଶାସନ କରି ହୁଏ । କିନ୍ତୁ ମୂର୍ଖାମୀର କିଛି ଔଷଧ ନାହିଁ ।

ପ୍ରଶ୍ନ—ମଣିଷ ଆଉ ପଶୁ ଭିତରେ ପ୍ରଭେଦ କ'ଣ ?

ଉତ୍ତର—ଯେଉଁ ମଣିଷ ଶାସ୍ତ୍ର, ସଙ୍ଗୀତ, ସାହିତ୍ୟ ଓ ନାନା ପ୍ରକାରର କଳାକୁ ଶ୍ରଦ୍ଧା କରିପାରେ ନାହିଁ ସେ ଖାଲି ଖାଇପିଇ ରହେ । ତା'ର ଭାଗ୍ୟ ପଶୁର ଭାଗ୍ୟ ସାଙ୍ଗରେ ସମାନ । ତେଣୁ ଆମ ଭିତରେ ଯେଉଁମାନେ ବହି ପଢ଼ିବାକୁ, ଗୀତ ଶୁଣିବାକୁ, ଛବି ଆଙ୍କିବାକୁ ବା ଅନ୍ୟ କୌଣସି ପ୍ରକାରେ କାମ କରିବାକୁ ଏକାବେଳକେ ଅପାରଗ, ଆଉ ଯେଉଁମାନଙ୍କର ସେଥିରେ ସ୍ନେହ ନ ଥାଏ, ସେମାନେ ସମସ୍ତେ ବଂଚିଥିଲେ ବି ପଶୁ ସାଙ୍ଗରେ ସମାନ ।

ପ୍ରଶ୍ନ—ପଶୁ ଆଉ ମଣିଷ ଭିତରେ ଆଉ କ'ଣ କିଛି ପ୍ରଭେଦ ନାହିଁ ?

ଉତ୍ତର—ହଁ ଅଛି । ଯାହାର ବିଦ୍ୟା ନାହିଁ, ଯିଏ ଦାନ କରେ ନାହିଁ, ଯିଏ ମୂର୍ଖ, ଯାହାର ଭଦ୍ରତା ଜ୍ଞାନ ନାହିଁ, ଯାହାର ଗୁଣ କି ଧର୍ମ ନାହିଁ, ଯାହାର ଜପ ତପ ନାହିଁ, ସେମାନେ ସମସ୍ତେ ପଶୁ ନୁହନ୍ତି ତ ଆଉ କ'ଣ ? ସେମାନେ ଏଇ ପୃଥିବୀର ବୋଝ ପରି । ମଣିଷ ରୂପ ନେଇ ଏଣେ ତେଣେ ଭ୍ରମୁଥାନ୍ତି । ସେମାନଙ୍କ ସାଙ୍ଗରେ ଇନ୍ଦ୍ର ଭୁବନରେ ରହିଲେ ବି ଖରାପ । ତାଠାରୁ ଭଲ ହେଉଛି ଗହନ ବନରେ ବଣର ଜୀବଜନ୍ତୁଙ୍କ ସାଙ୍ଗରେ ରହିବା ।

ପ୍ରଶ୍ନ—ବିଦ୍ୱାନ ଲୋକଙ୍କର ଆଦର କେଉଁଠି ହୁଏ ?

ଉତ୍ତର—ବିଦ୍ୱାନ୍ ଲୋକେ ଧନ ନ ଥିଲେ ବି ଧନୀ । ଯାହା ପାଖରେ ବିଦ୍ୟା ଅଛି, ତା'ର ଭୟ ନ ଥାଏ । ବିଦ୍ୟାକୁ କେହି ଚୋରି କରିପାରନ୍ତି ନାହିଁ । ଅନ୍ୟକୁ ଦେଲେ ବିଦ୍ୟା ଊଣା ହୁଏ ନାହିଁ । ଓଲଟି ବିଦ୍ୟା ବଢ଼େ । ବିଦ୍ୱାନ ଲୋକର ମନ କେତେବେଳେ ହେଲେ ଊଣା ହୁଏ ନାହିଁ । ସବୁବେଳେ ଭାବିବା ଶକ୍ତି ରହେ । ଏମାନଙ୍କ ସହିତ ସଂସାରରେ କେହି ସମାନ ହୋଇ ପାରେ ନାହିଁ । ଦେଶରେ ଏମାନେ ରହିଲେ ଦେଶର ମଙ୍ଗଳ । ଯେଉଁ ପଣ୍ଡିତମାନେ ବିଶେଷ ଜ୍ଞାନୀ, ସେମାନଙ୍କୁ ସବୁବେଳେ ମାନ୍ୟ ଦେଖାଇବା ଉଚିତ । କାରଣ ସେମାନେ ଧନକୁ ଡରନ୍ତି ନାହିଁ । ମଦଧାରା ବୋହୁଥିବା ହାତୀ ଯେପରି ସାମାନ୍ୟ ପଦ୍ମନାଡ଼ରେ ବନ୍ଧାଯାଇ ପାରେ ନାହିଁ, ସେହିପରି ପଣ୍ଡିତ

ଲୋକେ ଆମର ଏଇ ସାମାନ୍ୟ ଧନକୁ ହେୟ ମନେକରି ସେଇ ଶିକୁଳିରେ ବନ୍ଧା ହୋଇ ପାରନ୍ତି ନାହିଁ ।

ପ୍ରଶ୍ନ—ଧନ ନ ଥିଲେ କ'ଣ ଗୁଣ ନାଶ ଯାଏ ନାହିଁ ?

ଉତ୍ତର—ବିଧି ବାମ ହେଲେ ପଦ୍ମବଣ ପୋଡ଼ି ଦେଇପାରନ୍ତି । ହଂସ ଆଉ ସେଠି ଯାଇ ଆନନ୍ଦରେ ବିହାର ପାରିବ ନାହିଁ । କିନ୍ତୁ ହଂସ ଦୁଧରୁ ପାଣିକୁ ଅଲଗା କରିପାରିବ । ସେହି ଶକ୍ତି ବିଧାତା ବି ନଷ୍ଟ କରି ପାରିବେ ନାହିଁ ।

ପ୍ରଶ୍ନ—ପୁରୁଷର କେଉଁ ଭୂଷଣ ସବୁଠାରୁ ଭଲ ?

ଉତ୍ତର—ଲୋକେ ଭଲ କରି ମୁଣ୍ଡ କୁଣ୍ଡାଇ, ଭଲ ଲୁଗା ଯୋତା ପିନ୍ଧି, ହାତରେ ମୁଦି ଘଡ଼ି ଓ ଝରି-କଲମ ଧରି ନିଜର ଶୋଭା ବଢ଼ାଇବାକୁ ଚାହାନ୍ତି । ଏହି ସବୁ ଭୂଷଣ ବେଳରେ କାମକୁ ଆସେ ନାହିଁ । କାଳକ୍ରମେ ହଜି, ଛିଣ୍ଡି ନଷ୍ଟ ହୋଇଯାଏ । କିନ୍ତୁ ଯାହାର ବିଦ୍ୟା ହେଉଛି ଭୂଷଣ, ସେହି ପୁରୁଷ ସବୁଠାରେ ଶୋଭା ପାଏ, ଆଉ ସେହି ଭୂଷଣର ନାଶ ନାହିଁ ।

ପ୍ରଶ୍ନ—ବିଦ୍ୟା ମଣିଷର କି ଉପକାର କରେ ?

ଉତ୍ତର—ବିଦ୍ୟା ହେଉଛି ମଣିଷର ଧନ । ସେ ଲୁଚି ହୋଇ ରହି ପାରେ । ବିଦ୍ୟା ଥିଲେ ରାଜଭୋଗ ଓ ଯଶ ମିଳେ । ବିଦେଶରେ ବିଦ୍ୟା ପରି ବନ୍ଧୁ ନାହାନ୍ତି । ପ୍ରବଳ ପରାକ୍ରମୀ ଲୋକ ଏଇ ବିଦ୍ୟା ଓ ଗୁଣର ଆଦର କରନ୍ତି । ଧନକୁ ଆଦର କରନ୍ତି ନାହିଁ ।

ପ୍ରଶ୍ନ—କେମିତିକା ମଣିଷ ସଂସାରରେ ଚଳି ପାରିବ ?

ଉତ୍ତର—ଯେ କ୍ଷମା କରିପାରେ, ସେ ତ ତା'ର ବଳରେ ଦୁଷ୍ଟଠାରୁ ନିଜକୁ ଖସେଇ ନେଇ ପାରିବ । ଢାଲ ତରବାରିରେ ତା'ର କି କାମ ? ତାର ଯଦି ମନରେ କ୍ରୋଧ ଅଛି, ତେବେ ସେ ତ ସାଥିରେ ପରମ ଶତ୍ରୁ ଧରିରଖିଛି । ଆଉ ଅଧିକ ଶତ୍ରୁ କି ପ୍ରୟୋଜନ ? ତା'ର ଯଦି ଭାଇ ବିରାଦର ଅଛନ୍ତି, ତେବେ ସେ ତ ନିଆଁ ସାଙ୍ଗରେ ଖେଳୁଛି । ସେ ଯଦି ଶଠମିତ୍ର ସାଙ୍ଗରେ ଚଳୁଛି, ତେବେ ପାଖରେ ଔଷଧ ରଖିଲେ ତା'ର କ'ଣ ଭଲ ହେବ ? ସେ ଯଦି ଖରାପ ଲୋକ ସାଙ୍ଗରେ ଚଳୁଛି, ତେବେ ସାପକୁ ଡରିଲେ କ'ଣ ଲାଭ ? ସେ ଯେବେ ବିଦ୍ୟାର ଅଧିକାରୀ, ତେବେ ତା'ର ଧନରେ ଆଉ କି କାମ ? ଯଦି ସେ ଖରାପ କଥାକୁ ଲାଜ କରିପାରେ, ତେବେ ତା'ର ଅନ୍ୟ ଭୂଷଣରେ କି କାମ ? ଆଉ ସେ ଯଦି ସାହିତ୍ୟ ଲେଖିପାରେ ବା ତା'ର କୌଣସି ବିଶେଷ ଯୋଗ୍ୟତା ଥାଏ, ତେବେ ତା'ର ଧନସମ୍ପତ୍ତି ନଥିଲେ ବି କ'ଣ କ୍ଷତି ? ଯେଉଁ ଲୋକ ଏହିପରି ସବୁ ଦିଗକୁ ବୁଝି ଚଳି ପାରିବ, ସେ ତ ସଂସାରକୁ ସହଜରେ ଜିଣି ପାରିବ ।

ପ୍ରଶ୍ନ—କେଉଁପରି ଲୋକ ଏ ସଂସାର ଚଳାଉଛନ୍ତି ?

ଉତ୍ତର—ନିଜ ଲୋକଙ୍କ ପ୍ରତି ସେମାନେ ଉଦାର ହୁଅନ୍ତି । ପର-ମଣିଷଙ୍କ ପାଇଁ ସେମାନଙ୍କର ଦୟା ଥାଏ । ଦୁଷ୍ଟ ଲୋକ ପ୍ରତି ସେମାନେ ସାବଧାନ ହୋଇ ରହନ୍ତି । ଭଲ ଲୋକଙ୍କ ସହିତ

ବନ୍ଧୁତା କରନ୍ତି । ଗୁଣୀ ଲୋକଙ୍କ ପାଖରେ ବିନମ୍ରୀ ହୁଅନ୍ତି । ଶତ୍ରୁଙ୍କ ପାଖରେ ବୀରତ୍ୱ ଦେଖାନ୍ତି । ବଡ଼ ମଣିଷଙ୍କୁ ସେମାନେ କ୍ଷମା ଦିଅନ୍ତି । ସମାଜରେ ଚଳିଲାବେଳେ ମାନସମ୍ମାନ ଚଳନ୍ତି । ଆଉ ସ୍ତ୍ରୀମାନଙ୍କ ସହିତ ଚଳିଲାବେଳେ ଯଥେଷ୍ଟ ସାବଧାନ ରହନ୍ତି । ଏହିପରି ଲୋକେ ସଂସାରର ମୂଳଦୁଆ ।

ପ୍ରଶ୍ନ—ସାଧୁଲୋକେ ଆମର କି ଉପକାର କରନ୍ତି ?

ଉତ୍ତର—ଆମର ମୂର୍ଖାମି ଦୂର କରି ଦିଅନ୍ତି । ସତ କଥା କହିବାକୁ ଶିଖାନ୍ତି । ଆମର ମାନ ବଢ଼ାନ୍ତି । ଆମର ବ୍ୟବହାରରୁ ଅଧର୍ମ ଓ ପାପକୁ ଦୂର କରନ୍ତି । ଆମର ଭଲଗୁଣ ଗୁଡ଼ିଆକୁ ପ୍ରଚାର କରନ୍ତି । ଏପରି ସାଧୁଲୋକଙ୍କ ସହିତ ଚଳିଲେ ମଣିଷର ବହୁତ ଉପକାର ହୁଏ ?

ପ୍ରଶ୍ନ—ଈଶ୍ୱରଙ୍କ ଶୁଭ-ଦୃଷ୍ଟି ଥିଲେ ମଣିଷ କ'ଣ ପାଏ ?

ଉତ୍ତର—ସେ ସବୁ ପାଏ । ସୁନ୍ଦର ରୂପ, ପତିବ୍ରତା ସ୍ତ୍ରୀ, ସୁନ୍ଦର ପୁଅ, ସ୍ନେହ କରୁଥିବା ବନ୍ଧୁ, ସରଳ ଭାଇ ବରାଦର ଆଉ ପାପ ନଥିବା ମନ—ଏସବୁ ପାଏ । ସେ ବି ବିଦ୍ୱାନ୍ ହୁଏ । ତା'ର ସୌନ୍ଦର୍ଯ୍ୟ ହେଉଛି ତା'ର ବିଦ୍ୟା ।

ପ୍ରଶ୍ନ—କ'ଣ କଲେ ଈଶ୍ୱର ଅମଙ୍ଗଳ କରନ୍ତି ନାହିଁ ?

ଉତ୍ତର—ଜୀବ ବଧ କରିବ ନାହିଁ । ପରଧନ ଲୁଟିବ ନାହିଁ । ସତ କହିବ । ଅନ୍ୟର ସ୍ତ୍ରୀ କଥା ପଡ଼ିଲେ ସେ କଥାରେ କଥା କହିବ ନାହିଁ । ଦରକାର ପଡ଼ିଲେ ନିଜର ସାମର୍ଥ୍ୟକୁ ଗୁହିଁ

ଦାନ କରିବ । ବଡ଼ଲୋକଙ୍କ ପାଖରେ ନମ୍ର ହେବ । ଏଇଟା ନେବ, ସେଇଟା ନେବ—ଇଚ୍ଛାକୁ ବଢ଼ାଇବ ନାହିଁ । ସବୁ ଶାସ୍ତ୍ରରେ ଏଇ ପ୍ରକାର ଚାଲିବାକୁ କୁହାଯାଇଛି । ଏମିତି କଲେ ସବୁବେଳେ କଲ୍ୟାଣ ମିଳିବ ।

ପ୍ରଶ୍ନ—ଭଲ ଓ ଖରାପ ମଣିଷଙ୍କୁ କେମିତି ଜାଣିବ ?

ଉତ୍ତର—ଜାଣିବାର ସହଜ ଉପାୟ ହେଉଛି ତାଙ୍କର କାମ । ତିନି-ପ୍ରକାରର ମଣିଷ ଅଛନ୍ତି । ଭଲ, ଖରାପ ଆଉ ମଝିମଝିକିଆ । ପ୍ରତି କାମରେ ବାଧା ଅଛି । ଖରାପ ଲୋକେ ବିଘ୍ନ ହେବ ବୋଲି କାମ ଆରମ୍ଭ କରନ୍ତି ନାହିଁ । ମଝିମଝିକିଆ ଲୋକେ କାମ ଆରମ୍ଭ କରି ବିଘ୍ନ ପାଇଲେ ଛାଡ଼ିଦିଅନ୍ତି । କିନ୍ତୁ ଭଲ ଲୋକେ ବାରମ୍ବାର ବାଧା ପାଇଲେ ବି ଆରମ୍ଭ କରିଥିବା କାମକୁ ଛାଡ଼ନ୍ତି ନାହିଁ ।

ପ୍ରଶ୍ନ—ଭଲ ଲୋକର ଆଚରଣ କେମିତି ?

ଉତ୍ତର—ଯେଉଁ ବେଉସା କରି ସେ ପେଟ ପୋଷେ, ସେଥିରେ ଠକେଇ ନଥାଏ । ଆଉ ସେ ସେହି ବେଉସାକୁ ଆଦର କରେ । ପ୍ରାଣ ଗଲେ ବି ପାପକାମରୁ ସେ ଦୂରେଇ ଯାଏ । ଖରାପ ଲୋକଠାରୁ ସେ କିଛି ମାଗେ ନାହିଁ । ଅଳ୍ପ ଧନଥିବା ବନ୍ଧୁକୁ ସେ କିଛି ମାଗେ ନାହିଁ । ବିପଦରେ ପଡ଼ିଲେ କାତର ହୁଏ ନାହିଁ । ଶ୍ରେଷ୍ଠ ଲୋକ ଯେମିତି ଚାଲନ୍ତି, ସେ ସେହିପରି ଚାଲିବାକୁ ଚେଷ୍ଟା କରେ । ଖଣ୍ଡାଧାରରେ ବାଟ ଚାଲେ ।

ପ୍ରଶ୍ନ—ଭଲଲୋକ କ'ଣ ଖରାପ କାମ କରି ପାରିବେ ?

ଉତ୍ତର—ସିଂହ ପଶୁରାଜ । ସେ କ'ଣ କେବେ ଘାସ ଖାଇପାରିବ ? ଦେହ ଦୁର୍ବଳ , ବୁଢ଼ା ହୋଇଗଲାଣି, ଚୁଲବୁଲ ପାରୁନାହିଁ, ତେଜ କମିଗଲାଣି; କିନ୍ତୁ ସେତେବେଳେ ବି ସିଂହ ଖୋଜେ, ଜୀବନ ଯିବାକେ ଯାଉ, ସେ ଦନ୍ତାହାତୀ ମୁଣ୍ଡର ଦହି ଖାଇବ । ଉତ୍ତମ ଲୋକ କେତେବେଳେ ନୀଚ କାମ କରି ପାରିବ ନାହିଁ ।

ପ୍ରଶ୍ନ—ଭଲଲୋକ କ'ଣ ଚାହେଁ ?

ଉତ୍ତର—ଭଲ ମଣିଷ ଓ ବଡ଼ ମଣିଷଙ୍କର ତାଙ୍କରମାନଙ୍କ କଥା ! କୁକୁର ସିନା ଶୁଖିଲା, ସଢ଼ା ମାଉଁସ ଲାଗିଥିବା ହାଡ଼ ଖଣ୍ଡିଏ ନେଇ ଖୁସି ହୋଇପାରିବ । କିନ୍ତୁ ହାତୀ କି ସିଂହପରି ଲୋକେ ଖୋଜନ୍ତି ଯାହା ଦୁଃଖ କଷ୍ଟ ହେଉନା କାହିଁକି ନିଜର ଉପଯୁକ୍ତ କାମ କରିବେ । ଆଉ ସେହି ଅନୁସାରେ ଫଳ ନେବେ ।

ପ୍ରଶ୍ନ—ଭଲ ଆଉ ଖରାପ ମଣିଷ କେମିତି ଚିହ୍ନିବ ?

ଉତ୍ତର—ତାଙ୍କ କଥା ଓ କାମରୁ ଜାଣିବ । କୁକୁରକୁ ସିନା ହାଡ଼ ଖଣ୍ଡିଏ ଦେଲେ ସେ ଲଞ୍ଜୁଡ଼ି ହଲାଇ, କାକୁତି କରି ପେଟ ଓ ମୁହଁ ହଲାଇ ମାଗି ଖାଇବ । ଗଜରାଜକୁ ନେଇ ଖାଇବା ଜିନିଷ ଦେଲେ ତାକୁ ଆଗ ରମେ ମିଠା କଥା କହି ଖୋସାମତ୍ ନ କଲେ ସେ କ'ଣ ଖାଇବ କି ? ଆଉ ଖାଇଲା ବେଳେ ବି ସେ କୁକୁର ପରି ହେବ ନାହିଁ ।

ପ୍ରଶ୍ନ—କାହାର ଜନ୍ମ ସଫଳ ?

ଉତ୍ତର—ଯେଉଁ ପୁଅ ଜନ୍ମ ହେଲେ ନିଜ କୁଳ ଓ ଜାତିର ମଙ୍ଗଳ ହୁଏ, ସେହି ପୁଅ ହେଉଛି ପ୍ରକୃତ ପୁଅ, ଅନ୍ୟମାନେ ଖାଲି ଜନ୍ମ ହୁଅନ୍ତି ଆଉ ମରନ୍ତି । ସେମାନଙ୍କ ଜନ୍ମରେ କିଛି ଲଭ ନାହିଁ ।

ପ୍ରଶ୍ନ—ଗୁଣୀ ଲୋକର ଆଚରଣ କେମିତି ?

ଉତ୍ତର—ଫୁଲ ପେଣ୍ଡାଏ ଫର ହୁଏ ତ ଯାଇ ସେ ଠାକୁରଙ୍କ ମୁଣ୍ଡରେ ଶୋଭା ପାଇବ, ନ ହେଲେ ବଣରେ ଶୁଖି ଶୁଖି ନଷ୍ଟ ହେବ ।

ପ୍ରଶ୍ନ—ଭଲ ଲୋକ କ'ଣ କରନ୍ତି ?

ଉତ୍ତର—ଭଲ ଲୋକ ଦୁର୍ବଳକୁ କଷ୍ଟ ଦିଅନ୍ତି ନାହିଁ । ରାହୁ କେତୁଙ୍କ ପରି ଚନ୍ଦ୍ର ସୂର୍ଯ୍ୟଙ୍କୁ ଗ୍ରାସ କରନ୍ତି ନାହିଁ । ସେମାନେ ନିଜେ କଷ୍ଟ ପାଇଲେ ବି ପରର କଷ୍ଟ ଦୂର କରିବାକୁ ଚେଷ୍ଟା କରନ୍ତି । ସୂର୍ଯ୍ୟକାନ୍ତ ମଣି ଯେମିତି ନିଜେ ପଥର ଖଣ୍ଡେ ହୋଇଥିଲେ ବି ସୂର୍ଯ୍ୟକିରଣ ପଡ଼ିଲେ ଜକ ଜକ ହୋଇ ଜଳଉଠେ, ସେହିପରି ତେଜସ୍ୱୀ ଲୋକେ ଅପମାନ ସହି ପାରନ୍ତି ନାହିଁ । ଚିହିଙ୍କୁଆ ମଦମତ୍ତ ହାତୀ ଉପରକୁ ଡେଇଁ-ପଡ଼େ । ସେହିପରି ତେଜସ୍ୱୀ ଲୋକେ ନିଜର ସୁବିଧା ଅସୁବିଧା କଥା ଭାବନ୍ତି ନାହିଁ ।

ପ୍ରଶ୍ନ—ଗରିବର କ'ଣ ଅସୁବିଧା ହୁଏ ?

ଉତ୍ତର—ଧନ ନଥିଲେ ଜାତି, ଗୁଣ ଓ ନୀତି ବା କୁଳାଚାର କିଛି ରହି ପାରିବ ନାହିଁ । ତେଣୁ ଲୋକ ଚେଷ୍ଟାକରି ଧନ

ବଢ଼ାଇବା ଉଚିତ । ଧନ ନଥିଲେ ପ୍ରବଳ ବୁଦ୍ଧି ନାଶ ହୁଏ । ବଗିଚାର ବିକଳ ହୁଏ । ନଜର ଘାରିବା ଶକ୍ତି କମିଯାଏ । ଧନ ଥିଲେ ମଣିଷ ବିଦ୍ୱାନ୍ ଓ ଗୁଣୀ ସବୁ ହୋଇପାରେ । ସବୁ ଗୁଣ ଧନ-ସୁବର୍ଣ୍ଣକୁ ଆଶ୍ରା କରି ରହେ ।

ପ୍ରଶ୍ନ—ଅସାବଧାନ ହେଲେ କ'ଣ ମଣିଷ ଦରିଦ୍ର ହୁଏ ?

ଉତ୍ତର—ହଁ । ଯେମିତି ଦୁଷ୍ଟ ବୁଦ୍ଧି ଲୋକର କଥାରେ ରାଜ୍ୟ ନାଶ ହୁଏ । ଗେହ୍ଲା କଲେ ପିଲାମାନେ ନଷ୍ଟ ହୁଅନ୍ତି, ବିଦ୍ୟାଚର୍ଚ୍ଚା ନକଲେ ମଣିଷ ମୂର୍ଖ ହୁଏ, ଜମିବାଡ଼ି ନ ଦେଖିଲେ କ୍ଷେତ ଉଜୁଡ଼ି ଯାଏ, ଅନ୍ୟାୟ କଲେ ବନ୍ଧୁ ଭାଙ୍ଗନ୍ତି, ଦୂରରେ ରହିଲେ ସ୍ନେହ କମେ, ଅଭ୍ୟାସ କଲେ ବୁଦ୍ଧି କମେ, ସେମିତି ଅସାବଧାନ ହେଲେ ଧନ ନଷ୍ଟ ହୁଏ ।

ପ୍ରଶ୍ନ—ଧନକୁ କେମିତି ଭୋଗ କରିବ ?

ଉତ୍ତର—ଆମର କଥା ଅଛି । ପେଟ, ବାଟ ଆଉ ଖଣ୍ଡ ତିନି ଜଣ ଧନ ଖାଇଯାନ୍ତି । 'ଖାଇଥିଲେ ପେଟକୁ, ଦେଇଥିଲେ ବାଟକୁ ଆଉ ସଞ୍ଚିଥିଲେ ଖଣ୍ଡକୁ' । ତାହାହେଲେ ଯେଉଁ ଲୋକ ଦାନ ଦିଏ ନାହିଁ ଅବା ଭୋଗ କରେ ନାହିଁ, ତା'ର ଧନ ନଷ୍ଟ ହୋଇଥାଏ ।

ପ୍ରଶ୍ନ—ଦୁର୍ବଳ କିଏ ?

ଉତ୍ତର—ଏମାନେ ଦୁର୍ବଳ—ଭାଦ୍ରମାସର ଅଧା ଶୁଖା ନଈ, ଉଆଁସ ବାସି ଜହ୍ନ, ଦାନ ଦେଇ ଗରିବ ହୋଇଥିବା ପୁରୁଷ, ଯୁଦ୍ଧରେ ଜୟ କରିଥିବା କ୍ଷତ ବିକ୍ଷତ ଯୋଦ୍ଧା—ଏମାନେ ସମସ୍ତେ

ଦୁର୍ବଳ । ଆଉ ଦୁର୍ବଳ ହେବାରୁ ସେମାନେ ଶୋଭ ପାଆନ୍ତି । ଧନ ନଥିଲାବେଳେ ସମସ୍ତେ ତ ଦୁର୍ବଳ । ନଥିଲାବେଳେ ପୋଷେ ମାଗି ବୁଲନ୍ତି, ଆଉ ପାଖରେ ହୋଇଗଲେ ସେମାନେ ସସାରଟାକୁ ଘାସଠାରୁ ଶ୍ରେଷ୍ଠ ବୋଲି ଭାବନ୍ତି । ଲକ୍ଷ୍ମୀ ଚଞ୍ଚଳା ହେଲେ ବି ସେହି ଏକ ମଣିଷର ବଳ ।

ପ୍ରଶ୍ନ—ରାଜନୀତି କ'ଣ

ଉତ୍ତର—ରାଜନୀତି କହ କି କୂଟନୀତି କହ, ସେମାନେ ହେଉଛନ୍ତି ବେପାରୀ ସୌଦାଗର ପରି । ବେପାରୀ ସୌଦାଗର ଯେମିତି କେତେବେଳେ ସତ କହେ ତ କେତେବେଳେ ମିଛ କହେ; କେତେବେଳେ କଡ଼ା କଥା ଆଉ ପୁଣି କେତେବେଳେ ମିଠା; କେତେବେଳେ ତା'ର ଦୟା ଆଉ କେତେବେଳେ ହିଂସା ; ବେଳକରେ ଲୋଭୀ ତ ପୁଣି ବେଳକରେ ଉଦାର, ସେମିତି କେତେବେଳେ ପଇସା ଉଡ଼ାଉଛି ତ ଆଉ କେତେବେଳେ ସଞ୍ଚି ରଖୁଛି ।

ପ୍ରଶ୍ନ—ଧନ ଊଣା ହେଲେ କ'ଣ ଦୁଃଖ କରିବ ନାହିଁ ?

ଉତ୍ତର—ସେଥିରେ ଲାଭ ନାହିଁ । ଯେତିକି କପାଳରେ ଲେଖା ହୋଇଛି, ସେତିକି ଅବଶ୍ୟ ମିଳିବ—ତମେ କାନ୍ତାରରେ ଥାଅ ଅବା ଯାଇଁ ପାହାଡ଼ ଉପରେ ବସିଥାଅ, ତହିଁରୁ ଊଣା କି ଅଧିକ ହେବ ନାହିଁ । ଦେଖ, କୂଅ ଆଉ ସମୁଦ୍ର ଅବା ପାଣିକଡ଼ା ନୋଟା ଆପଣାର ତଉଲ ପାଣି ଧରନ୍ତି । ବଧାଟା

ବୃଚକ ଚକ୍ଷୀକୁ ଆଧାର ଦେଲେ ବି ପକ୍ଷୀ ନିଜର ଘନିଷ୍ଠତା ଯେତେ ଦେଖାଇଲେ ଅଧିକ ଦିଅନ୍ତି କି ? ଆକାଶରେ ମେଘ ଅଛି । ସେ ଅଜାଡ଼ି ହୋଇ ପଡ଼ୁଛି । କେତେ ତହିଁରୁ କାମରେ ଲଗୁଛି, ଆଉ କେତେ ନିଷ୍ଫଳ । ପ୍ରତ୍ୟେକ ନିଜର ଭାଗ୍ୟ ଅନୁସାରେ ଫଳ ପାଉଛନ୍ତି । ତେଣୁ ବୃଥାରେ ନିଜର ଦରିଦ୍ରତା ଦେଖାଇବା ଅନ୍ୟାୟ ।

ପ୍ରଶ୍ନ—ଦୁର୍ଜନର ଲକ୍ଷଣ କ'ଣ ?

ଉତ୍ତର—ଖରାପ ଲୋକ ବିନା କାରଣରେ ହିଂସା କରେ । ପରର ଧନ ଆଉ ପର ସ୍ତ୍ରୀ ହରଣ କରିବାକୁ ଚାହେଁ । ନିଜ ପ୍ରିୟ ଲୋକକୁ ହିଂସା କରେ । ସେ ଯେତେ ଗୁଣୀ ହୋଇଥିଲେ ବି ତା'ର ସାଙ୍ଗ ଛାଡ଼ିବା ଉଚିତ । ସେମାନେ ସମସ୍ତଙ୍କୁ ନିନ୍ଦା କରି ପାରନ୍ତି । ଲାଜଥିବା ଲୋକକୁ ବୋକା ବୋଲି କହନ୍ତି । ମୁନି ଋଷିଙ୍କୁ ମୂର୍ଖ ବୋଲି କହନ୍ତି । ଧୀରସ୍ଥିର ଲୋକଙ୍କୁ ଅଳସୁଆ, ପବିତ୍ର ଲୋକକୁ ପାଷଣ୍ଡ—ଏହିପରି ପ୍ରତ୍ୟେକ ଗୁଣକୁ ଦୋଷ ବୋଲି କହି ବୁଲନ୍ତି ।

ପ୍ରଶ୍ନ—କେଉଁ ବିଷୟ ଖରାପ ଲାଗେ ?

ଉତ୍ତର—ଦିନରେ ଉଇଁଥିବା ଚନ୍ଦ୍ର, ଯୌବନ ଗତ ହୋଇ ଯାଇଥିବା ସୁନ୍ଦରୀ, ପଦ୍ମଫୁଲ ନଥିବା ପୋଖରୀ, ସୁନ୍ଦର ରୂପ ଥାଇ ମୂର୍ଖ, ଧନୀ ହୋଇ କୃପଣ, ଭଲ ଲୋକ ହୋଇ ମଧ୍ୟ ଗରିବ—ଏମାନେ ସମସ୍ତେ ଖରାପ ଲାଗନ୍ତି ।

ପ୍ରଶ୍ନ—ଖଳ ଓ ସାଧୁଲୋକଙ୍କୁ କେମିତି ଚିହ୍ନିବ ?

ଉତ୍ତର—ଖଳ ଲୋକ ସକାଳ ବେଳାର ଛାଇ ପରି ପ୍ରଥମେ ଲମ୍ବା ଥାଏ । ଧୀରେ ଧୀରେ ଛୋଟ ହୋଇ ଦ୍ୱିପହରକୁ ଏକାବେଳକେ ପାଦତଳେ ରହେ । ଭଲ ଲୋକ ଉପରବେଳାର ଛାଇ ପରି ପ୍ରଥମେ ଛୋଟ ହେଲେ ବି ବଢ଼ି ବଢ଼ି ଶେଷକୁ ଖୁବ୍ ଲମ୍ବା ହୁଏ । ଖଳ ଲୋକର ବନ୍ଧୁତା ସକାଳ ବେଳାର ଛାଇ ପରି ।

ପ୍ରଶ୍ନ—ଖରାପ ଲୋକ କିପରି ଭୟଙ୍କର ?

ଉତ୍ତର—ଦେଖ, ବଣରେ କାହାର ଅନିଷ୍ଟ ନ କରି ହରିଣ ଘାସ ଖାଇ ରହନ୍ତି । ପୋଖରୀରେ ମାଛ ଆପଣା ମନକୁ ପାଣି ପିଇ ରହନ୍ତି । ଭଲ ଲୋକେ ସେହିପରି ଆପଣା ଧନ୍ଦାରେ ଲାଗିଥାନ୍ତି । କିନ୍ତୁ ଖଳଲୋକ ସମସ୍ତଙ୍କୁ ଖାଇ ଯିବାକୁ ଚେଷ୍ଟା କରନ୍ତି ।

ପ୍ରଶ୍ନ—ଭଲ ଗୁଣ କାହାକୁ କହନ୍ତି ?

ଉତ୍ତର—ଭଲଲୋକ ସାଧୁସଙ୍ଗ କାମନା କରେ । ପରର ଭଲ ଗୁଣ ଦେଖିଲେ ଖୁସିହୁଏ । ବଡ଼ଲୋକ ପ୍ରତି ନମ୍ର । ଲୋକନିନ୍ଦାକୁ ଡରେ । ବିଦ୍ୟା ବଢ଼ାଇବାରେ ଲାଗି ରହେ । ନିଜ ସ୍ତ୍ରୀକୁ ଖୁବ୍ ବେଶି ଭଲ ପାଏ । ନିଜର ମନକୁ ଶାସନ କରେ । ଆଉ ଈଶ୍ୱର ଭକ୍ତି ରଖେ । ବିପଦ ପଡ଼ିଲେ ଧୈର୍ଯ୍ୟ ହରାଏ ନାହିଁ । ଯୁଦ୍ଧରେ ଡରେ ନାହିଁ । ଧନ ହେଲେ ବିନୟୀ ହୁଏ । ନିଜର ଦାନକୁ ଗୁପ୍ତ ରଖେ । ଅତିଥିର ପୂଜା କରେ । ପରର ଭଲ

କଲେ କହ ହୁଏ ନାହିଁ । କେହି ତା'ର ଉପକାର କଲେ ସେ ସେହି ବାର୍ତ୍ତାରେ ଗାଇ ହୁଏ । ପରର ନିନ୍ଦା କରେ ନାହିଁ ।

ପ୍ରଶ୍ନ — ଆଉ ଭଲ ଲକ୍ଷଣ କ'ଣ ?

ଉତ୍ତର—ଯେଉଁ ହାତ ଦାନ କରିପାରେ, ଯେଉଁ ମୁଣ୍ଡ ବଡ଼ର ପାଦ ତଳେ ନଇଁପାରେ, ଯେଉଁ ମୁହଁ ସତ କଥା କହିବାକୁ ସାହସ କରିପାରେ, ଯେଉଁ ବାହୁ ଲଢ଼ିପାରେ, ଆଉ ଯାହାର କାନ ଭଲ ଶାସ୍ତ୍ର ଶୁଣିବାକୁ ବ୍ୟାକୁଳ, ସେହି ହେଉଛନ୍ତି ପ୍ରକୃତ ଭଲ ଲୋକ । ସେମାନଙ୍କର ମନ ଧନ ଆସିଲାବେଳେ ପର୍ବତ ପରି ଅଟଳ, ଆଉ ବିପଦ ବେଳେ ପଦ୍ମଫୁଲ ପରି କୋମଳ ହୁଏ ।

ପ୍ରଶ୍ନ—ସଙ୍ଗଦୋଷ କିପରି କ୍ଷତି କରେ ?

ଉତ୍ତର—ପାଣି ବୁନ୍ଦାଏ ତତଲା ଲୁହା ଉପରେ ପଡ଼ିଲେ ତାର ସତ୍ତା ରହେ ନାହିଁ । ଗରମ ସାଙ୍ଗରେ ଲାଗି ସେ ଗରମ ହୋଇଯାଏ । କାଳି ବୁନ୍ଦାଏ କଲମରୁ କାଗଜ ଉପରେ ବୁଲିଗଲେ କେଡ଼େ ସୁନ୍ଦର ବର୍ଣ୍ଣ ହୁଏ । ସେଇ ପାଣି ବୁନ୍ଦାକ ଶୁଭବେଳରେ ଶାମୁକା ପାଟିରେ ପଡ଼ିଲେ ମୁକ୍ତା ହୁଏ । ଏଥିରୁ କ'ଣ ବୁଝା ଯାଉ ନାହିଁ ଯେ ସଙ୍ଗ ଦୋଷରେ ବିଭିନ୍ନ ଫଳ ମିଳେ ।

ପ୍ରଶ୍ନ—ପୁଣ୍ୟବାନ୍ ଲୋକେ କ'ଣ ପାଆନ୍ତି ?

ଉତ୍ତର—ସେମାନେ ସ୍ତ୍ରୀ, ପୁଅ ଓ ବନ୍ଧୁ ସବୁଥିରେ ସୁଖୀ । ପ୍ରିୟ ବ୍ୟବହାର ଦେଖାଇ ପୁଅ ସେମାନଙ୍କୁ ସନ୍ତୁଷ୍ଟ କରେ । ସ୍ତ୍ରୀ ସବୁବେଳେ ସ୍ୱାମୀର ହିତ ଚାହେଁ । ବନ୍ଧୁ ତାହାର ସୁଖ ଦୁଃଖରେ ଭାଗୀ ହୁଏ ।

ପ୍ରଶ୍ନ— ସଜ୍ଜନମାନଙ୍କର ଆଚରଣ କପରି ?

ଉତ୍ତର—ସେମାନେ ଗୋଟିଏ ଦେବତାର ସେବା କରନ୍ତି—ସେ କେଶବ ହୁଅନ୍ତୁ ବା ଶିବ ହୁଅନ୍ତୁ । ଗୋଟିଏ ବନ୍ଧୁ ରଖନ୍ତି—ସେ ରଜା ହୁଅନ୍ତୁ ବା ସନ୍ନ୍ୟାସୀ ହୁଅନ୍ତୁ । ବଣ ବା ସହର ଯେଉଁଠି ହେଉ, ଗୋଟିଏ ସ୍ଥାନରେ ରହନ୍ତି । ସୁରୂପ ବା କୁରୂପ ଯାହାହେଉ, ଗୋଟିଏ ସ୍ତ୍ରୀକୁ ଭଲ ପାଆନ୍ତି । ସେମାନେ ବଚନରେ ଉଚ୍ଚ । ଅପରର ଗୁଣ ଗାନ କରି ନିଜକୁ ପ୍ରସିଦ୍ଧ କରନ୍ତି । ଅନ୍ୟର କାମକୁ ନିଜକାମ ପରି କରନ୍ତି । କଠୋର କଥା କହୁଥିବା ଦୁଷ୍ଟ ଲୋକର ନିନ୍ଦାକୁ କ୍ଷମା ଦିଅନ୍ତି । ପରର ଉପକାର କରନ୍ତି ।

ପ୍ରଶ୍ନ—ପରର ଉପକାରୀ ଲୋକର ସ୍ୱଭାବ କେମିତି ?

ଉତ୍ତର—ଫଳରେ ନଇଁପଡ଼ୁଥିବା ଗଛପରି ସେମାନେ ନମ୍ର । ପାଣିଭାରରେ ନଇଁପଡ଼ୁଥିବା ମେଘପରି ସେମାନେ ନିଜକୁ ସମ୍ପଦ ବେଳେ ଉଦ୍ଧତ କରନ୍ତି ନାହିଁ । ସେମାନଙ୍କର ଶୋଭା ବା ସୌନ୍ଦର୍ଯ୍ୟ ହେଉଛି ପରର ଉପକାର । ସେମାନେ ନିଜର ବନ୍ଧୁକୁ ଭଲ ଉପଦେଶ ଦିଅନ୍ତି । ତା'ର ଦୋଷକୁ ଲୁଚାଇ ଗୁଣ ପ୍ରକାଶ କରନ୍ତି । ବିପଦରେ ଛାଡ଼ିଯାଆନ୍ତି ନାହିଁ । ମେଘ-ପରି ବିନା ଅନୁରୋଧରେ ନିଜେ ପରର ଉପକାର କରନ୍ତି—ପଦ୍ମଫୁଲକୁ ସୂର୍ଯ୍ୟ, କଇଁକୁ ଚନ୍ଦ୍ର ଆପଣା ଛାଏଁ ଫୁଟାଇଲା ପରି । ସବୁ ମଣିଷ ତ ସେପରି ନୁହନ୍ତି ।

ପ୍ରଶ୍ନ—ସମସ୍ତେ କ'ଣ ନିଜ କାମକୁ ଆଗ ଓ ଅନ୍ୟର କାମକୁ ପଛ ବୋଲି ବିଚାର କରନ୍ତି ନାହିଁ ?

ଉତ୍ତର—ନା । ଭଲମଣିଷ ଆପଣାକାମକୁ ପଛରେ ପକାଇ ଅନ୍ୟର କାମ ଆଗ କରେ । ସାଧାରଣ ମଣିଷ ନିଜ କାମ ନଭୁଲି ନିଜର କାମ ଓ ପରର କାମ ଦୁଇଟି ଯାକ କରେ । କିନ୍ତୁ ଖରାପ ମଣିଷ କାରଣ ନଥାଇ ନିଜର ହିତ ପାଇଁ ପରର କାମକୁ ବିଗାଡ଼େ ।

ପ୍ରଶ୍ନ—ସାଧୁଲୋକ କ'ଣ ଏତେ ବଡ଼ ?

ଉତ୍ତର—ସେମାନେ ସମୁଦ୍ରପରି । ସେଠି ବିଶାଳ ପର୍ବତ ରହେ । ଭୟଙ୍କର ଜୀବଜନ୍ତୁ ରହନ୍ତି । ନିଜେ ବିଷ୍ଣୁ ଭଗବାନ ରହନ୍ତି । ସାଧୁଲୋକେ ଖାଲି ଏମିତି ଗମ୍ଭୀର ଓ ଧୈର୍ଯ୍ୟବାନ୍ ନୁହନ୍ତି, ନିଜ ଲୋକଙ୍କ ପାଇଁ ନିଜର ସୁବିଧା ଅସୁବିଧାକୁ ତୁଚ୍ଛ କରି କାମରେ ଲାଗିଯାନ୍ତି । ପାଣି ଯେମିତି ଦୁଧ ସାଙ୍ଗରେ ବନ୍ଧୁତା କରେ, ଆଉ ବନ୍ଧୁତା କରିଛି ବୋଲି ସେ ଦୁଧ ସାଙ୍ଗରେ ନିଆଁରେ ଆହୁତି ହେବାକୁ ଚେଷ୍ଟା କରେ ଓ ନିଆଁ ଜଳିଲା-ବେଳେ ନିଜର ଶୀତଳ ପରଶରେ ଗରମ ଦୁଧକୁ ଥଣ୍ଡା କରିବାକୁ ଚେଷ୍ଟା କରେ, ସାଧୁଲୋକେ ସବୁବେଳେ ସେହିପରି ଆଚରଣ ଦେଖାନ୍ତି ।

ପ୍ରଶ୍ନ—ସାଧୁଲୋକଙ୍କର ଲକ୍ଷଣ କ'ଣ ?

ଉତ୍ତର—କାମନା ନଥାଏ । ସଦାସର୍ବଦା କ୍ଷମା ଆଚରଣ କରନ୍ତି । ସତ କଥା କହନ୍ତି । ଭଲ ଲୋକର ଆଚରଣକୁ

ଅନୁକରଣ କରନ୍ତି । ଗୁରୁଜନମାନଙ୍କୁ ଉପଯୁକ୍ତ ବ୍ୟବହାର ଦେଖାନ୍ତି । ନିଜର ଗୁଣକୁ ଲୁଚାନ୍ତି ।

ପ୍ରଶ୍ନ—ଧୀର ଲୋକର ଲକ୍ଷଣ କ'ଣ ?

ଉତ୍ତର—ସେମାନେ ଯେଉଁ କାମରେ ଲାଗନ୍ତି, ସେଥିରେ ବରାବର ଶେଷଯାଏ ଲାଗି ରହନ୍ତି । ତାଙ୍କର କାମ ପୂରଣ ନ ହେବା ଯାଏ ସ୍ଥିର ହୁଅନ୍ତି ନାହିଁ । ଠାକୁର ସନ୍ତୁଷ୍ଟ ରହିଲେ ରହି ପାରନ୍ତି ଅବା ଭୟଙ୍କର ବିପଦ ଆସିପାରେ । ସେମାନେ ଅଚଳ ଓ ଅଟଳ ରହନ୍ତି । କାମ ହାସଲ କରାଇ ନେବା ପାଇଁ କେତେବେଳେ ଭୂଇଁରେ ଓ କେତେବେଳେ ଭଲ ବିଛଣାରେ, କେତେବେଳେ ଶାଗଭାତ ଓ କେତେବେଳେ ଉତ୍ତମ ଆହାର, କେତେବେଳେ ଛିଣ୍ଡାଲୁଗା ଓ କେତେବେଳେ ଦିବ୍ୟ ବସ୍ତ୍ର ଧାରଣ କରିଥାନ୍ତି । ସେମାନେ ରାଗ କରନ୍ତି ନାହିଁ । ଯୋଗୀ-ଋଷିଙ୍କ ପରି କ୍ଷମା ଦେଇ ପାରନ୍ତି । ସେମାନେ ସବୁବେଳେ ନିଷ୍କପଟ । କିନ୍ତୁ କଥାରେ ସଂଯମ ଥାଏ ।

ପ୍ରଶ୍ନ—ସେମାନେ କ'ଣ କେବେ ତାଙ୍କର କରିବା କାମ ଛାଡ଼ନ୍ତି ନାହିଁ ?

ଉତ୍ତର—ନା । ନ୍ୟାୟମାର୍ଗରେ ଥିଲେ ସମ୍ପଦ ଆସୁ ବା ଯାଉ ଲୋକେ ନିନ୍ଦା କରନ୍ତୁ ଅବା ପ୍ରଶଂସା କରନ୍ତୁ, ଜୀବନ ରହୁ ଅବା ଯାଉ, କେବେହେଲେ ଧୀର ଲୋକେ ତାଙ୍କର ବାଟ ଛାଡ଼ି ଅଲଗା ବାଟ ଧରନ୍ତି ନାହିଁ । ସେମାନେ କେତେବେଳେ ହେଲେ ଅଳସୁଆ ହୋଇ ରହନ୍ତି ନାହିଁ । ଉଦ୍ୟମ ପରେ ମଣିଷର କେହି ବନ୍ଧୁ ନାହିଁ । ଉଦ୍ୟମୀର ଦୁଃଖ ନଥାଏ ।

ପ୍ରଶ୍ନ—ସେମାନେ କ'ଣ ଦୁଃଖ କରନ୍ତ ନାହିଁ ?

ଉତ୍ତର—ନା । ସେମାନେ ମନେ ରଖନ୍ତି ଯେ ଚନ୍ଦ୍ର ବଢ଼େ ଆଉ କ୍ଷୟେ । ଗଛକୁ କାଟି କଲମ କଲେ ସେ ବ ବଢ଼େ । ଆଉ ଦଇବ ବଳରେ ମଣିଷ ବଡ଼ସାନ ହୁଏ ବୋଲି ସେମାନେ ମନେ ରଖନ୍ତି ।

ପ୍ରଶ୍ନ—ଦଇବ କ'ଣ ?

ଉତ୍ତର—ଦୈବ ସମସ୍ତଙ୍କ ଉପରେ । ସାପଟିଏ ପେଡ଼ିରେ ଆହାର ନଥାଇ ପଡ଼ିଛି । ତା'ର ବଳ ପାଉ ନାହିଁ । ମୂଷାଟିଏ କଣା କରି ପେଡ଼ି ଭିତରେ ଯାଇ ସାପ ପାଟି ପାଖରେ ପଡ଼ିଲା । ଆନନ୍ଦରେ ଖାଇ ଦେଇ ବଳ ପାଇଲାରୁ ସାପଟି ମୂଷା କରିଥିବା କଣା-ବାଟେ ବାହାରି ଆସିଲା । ଏହି ହେଉଛି ଦଇବ । ନିଜେ ଚେଷ୍ଟା କରି ସବୁ କଥା କରିବା ସମ୍ଭବ ନୁହେଁ । ପୂର୍ବଜନ୍ମରେ କରିଥିବା କାମର ଫଳ ଏ ଜନ୍ମରେ ଫଳୁଥାଏ । ସେଥିପାଇଁ ଆମେ ଭାବିଚିନ୍ତି କାମ କଲେ ଦଇବ ସାହା ହେବ । ଅଯୋଗ୍ୟ ଲୋକକୁ ସବୁବେଳେ ବିପଦ ଲାଗି ରହିଥାଏ ।

ପ୍ରଶ୍ନ – କେମିତି ?

ଉତ୍ତର—ଜଣେ ଲୋକ ଖରାରେ ଗଲାବେଳେ ଖରା କାଟିବାକୁ ଗୋଟିଏ ତାଳଗଛର ଛାଇରେ ଠିଆହେଲା । ସେତିକିବେଳେ ତା' ଉପରେ ଗୋଟିଏ ତାଳ ଖସିବାରୁ ତା'ର ମୁଣ୍ଡ ଫାଟି ସେ ମଲା । ଏଥିରୁ କ'ଣ ବୁଝାପାଉ ନାହିଁ ଯେ ଲୋକଟି ହତଭାଗା ? ସେ କ'ଣ ଏପରି କଷ୍ଟ କାମ କରିଛି ଯେଉଁଥିରେ

ତାର ଏଇ ବିଚିତ୍ର କୌଶଳ ? ଅତି ପରାକ୍ରମୀ ଜୀବଜନ୍ତୁ ବନ୍ଧନରେ ପଡ଼ନ୍ତି । ଅତି ଗୁଣୀ ଲୋକେ ମଧ୍ୟ ଦରିଦ୍ର ହୁଅନ୍ତି । ସୂର୍ଯ୍ୟଚନ୍ଦ୍ରଙ୍କୁ ବି ରାହୁ ଗ୍ରାସେ । ତେଣୁ ଦୈବଗତି ବଳବାନ ।

ପ୍ରଶ୍ନ— ବିଧାତାଙ୍କ ବିଧାନ କ'ଣ କେହି ଅନ୍ୟଥା କରି ପାରିବ ନାହିଁ ?

ଉତ୍ତର—ବସନ୍ତ ଋତୁ ହୋଇଛି । ବୁଢ଼ା ଗଛରେ ପତ୍ର କଅଁଳୁ ନାହିଁ । ଇଏ କ'ଣ ମଳୟର ଦୋଷ ? ଦିନରେ ପେଚା ଦେଖାଯାଉ ନାହାନ୍ତି । ଇଏ କ'ଣ ସୂର୍ଯ୍ୟଙ୍କ ଦୋଷ ? ଚାତକ ପକ୍ଷୀର ଓଠରେ ପାଣି ପଡ଼ୁ ନାହିଁ, ଇଏ କ'ଣ ମେଘର ଦୋଷ ? ବିଧାତାଙ୍କ ଲିଖନ କିଏ ବଦଳାଇବ ?

ପ୍ରଶ୍ନ—ବିଧାତା କ'ଣ କର୍ମ ଅନୁସାରେ ଫଳ ଦିଅନ୍ତି ନାହିଁ ?

ଉତ୍ତର—ଆମର କାମ ଉପରେ ବିଧାତାଙ୍କର ବି ଅଧିକାର ନାହିଁ । ସେ କାମ ଅନୁସାରେ ଫଳ ଦିଅନ୍ତି । ଭଲ କାମ କଲେ ଅବଶ୍ୟ ଭଲ ଫଳ ମିଳିବ । ତେଣୁ ସବୁବେଳେ ଲଲାଟ-ଲିଖନକୁ ନିନ୍ଦା ନକରି କାମ କରିଯିବା ଉଚିତ । ସୂର୍ଯ୍ୟ, ଚନ୍ଦ୍ର, ତାରା ବି ସବୁବେଳେ କାମ କରୁଛନ୍ତି । ଜନ୍ମରୁ କର୍ମ ଅନୁସାରେ ଫଳ ମିଳେ ।

ପ୍ରଶ୍ନ—କେମିତି ?

ଉତ୍ତର—ଆମର ପୂର୍ବଜନ୍ମର ପୁଣ୍ୟ ପାଇଁ ଆମକୁ ଦୁର୍ଗମ ଜାଗାରେ ଗଲାବେଳେ ଶତ୍ରୁ ସାଙ୍ଗରେ ଲଢ଼ିଲାବେଳେ, ଅସାବଧାନ

ଥିଲାବେଳେ, ଅଗ୍ନି ଓ ସମୁଦ୍ରରେ କାରବାର ହେବାବେଳେ ଆମେ ଆମ ପୁଣ୍ୟବଳରୁ ରକ୍ଷାପାଉ । ତେଣୁ ଠାକୁରଙ୍କୁ ଅହରହ ଡାକ । ସେହି ହେଉଛନ୍ତି ଖରାପ ଲୋକର ଗୁରୁ, ମୂର୍ଖର ପଣ୍ଡିତ, ଆଉ ଆମର ସମସ୍ତ ମନୋବାଞ୍ଛା ପୂରଣକାରୀ । ତାଙ୍କୁ ଛାଡ଼ି ଆଉ ଗତି ନାହିଁ ।

ପ୍ରଶ୍ନ—କିପରି କାମ କରିବ ?

ଉତ୍ତର—କାମ କରିବା ପୂର୍ବରୁ କାମର ଭଲମନ୍ଦ ଭଲ କରି ବିଚାରି କାମ କରିବ । ଯେତେବେଳେ ଭାଗ୍ୟ ଖରାପ ହୁଏ, ମଣିଷ ସେତେବେଳେ ବହୁମୂଲ୍ୟ ଜିନିଷକୁ ନେଇ ନଷ୍ଟ କରିଦିଏ । କପୂର ଗଛକୁ କାଟି ସେଥିରେ କୁରାଢ଼ି ବେଣ୍ଟ ତିଆରି କରେ । ଯାହାର ପୁଣ୍ୟବଳ ଥାଏ ସେ ଦୁର୍ଗମ ବଣରେ ରହିଲେ ବି ସେଠି ତା'ର ସମସ୍ତେ ବନ୍ଧୁ । ଆଉ ସେହି କାନ୍ତାରିଆ ଜାଗା ସବୁ ପ୍ରକାର ଧନଧାନ୍ୟରେ ପୂରି ଉଠେ ।

ପ୍ରଶ୍ନ—ଯୋଗ୍ୟ ଲୋକର ଲକ୍ଷଣ କ'ଣ ?

ଉତ୍ତର—ତାହା ମନରେ କ୍ରୋଧ ନଥାଏ । ଲୋଭ ନଥାଏ । ଛନ୍ଦ-କପଟ ନଥାଏ । ସେମାନେ ସୂର୍ଯ୍ୟ ଦେବତାଙ୍କ ପରି ନିଜର ତେଜରେ ଅନ୍ୟମାନଙ୍କୁ ବଶ କରି ରଖନ୍ତି । ବିପଦ ଆପଦରେ ପଡ଼ିଲେ ମଧ୍ୟ ତାଙ୍କର ଶକ୍ତି ଉଣା ହୁଏ ନାହିଁ । ହୁଏତ ସେମାନେ ସମସ୍ତଙ୍କ ଉପରେ ରହି ପୂଜା ପାଆନ୍ତି । ନ ହେଲେ ବାହାରେ ବାହାରେ ରହି ଶୁଖି ମଉଳି ଯାଆନ୍ତି । କିନ୍ତୁ ସେଥିରେ ସେମାନେ ବିଚଳିତ ହୁଅନ୍ତି ନାହିଁ । ସେମାନେ ନିଜର ପାଞ୍ଚ ଇନ୍ଦ୍ରିୟଙ୍କୁ ଅଟକେଇ କରି ରଖନ୍ତି । ଆପଣା ଘର, ଦେଶ

ବିଦେଶ ତାଙ୍କ ପାଇଁ ସମାନ । ତାଙ୍କ ପାଖରେ ନିଆଁ ଯାହା, ପାଣି ସେୟା । ବିଶାଳ ସମୁଦ୍ର ଯାହା, ଗୋଷ୍ଠ ନଈଟିଏ ମଧ୍ୟ ସେୟା । ବିଷଧର ସାପ ଯାହା, ସୁବାସିତ ଫୁଲହାର ମଧ୍ୟ ସେୟା । ସିଂହ ଯାହା, ହରିଣ ସେୟା । ପରପାଇଁ ନିଜର ଜୀବନ ଓ ସୁବିଧା ସୁଯୋଗକୁ ତୁଚ୍ଛ କରି ସେମାନେ ଜୀବନ କଟାଇ ଦେଇ ପାରନ୍ତି ।

ପ୍ରଶ୍ନ—ଆମର ଧନ ସମ୍ପତ୍ତି କ'ଣ ଚିରସ୍ଥାୟୀ ହୋଇ ପାରିବ ନାହିଁ ?

ଉତ୍ତର—କିଛି ଚିରସ୍ଥାୟୀ ନୁହେଁ । ଯେତେ ଆଣିଲେ ବି ମନ ତୃପ୍ତ ହୁଏ ନାହିଁ । ଧନକୁ ଧନ ଆଶା ବଢ଼ିଚାଲେ । ଏଣେ ବାଳ ପାଚେ । ବଳ କ୍ଷୀଣ ହୁଏ । ଯେତେବେଳେ ବି କେହି ମରଣ କଥା ମନେ ପକାଇଦେଲେ ଆମେ ଚମକି ପଡ଼ୁ । ଅବଶ୍ୟ ମରିବାକୁ ହେବ । ମଲାବେଳକୁ ମନରେ ଯେତେ ବାସନା ଥାଉ ପଛକେ, ସବୁ ଧନଜନ ଛାଡ଼ି ଯିବାକୁ ହେବ । ସେଥିପାଇଁ ଆଗରୁ ସତର୍କ ରହିବା ଉଚିତ । ଯେତେ ଯାହା କଲେ ବି ଧନ ସମ୍ପତ୍ତି ସ୍ଥିର ନୁହେଁ, ତେଣୁ ପ୍ରତ୍ୟେକ ଲୋକ ନିଜର ଧନ ବଢ଼ାଇବାର ଆଶାକୁ ଧିକ୍କାର କରି ଈଶ୍ୱରଙ୍କୁ ସେଇ ପ୍ରାର୍ଥନା ଜଣାଇବା ଉଚିତ ।

ପ୍ରଶ୍ନ—ତେବେ କ'ଣ ନିଜର ରୂପ, ସୌନ୍ଦର୍ଯ୍ୟ, ଧନଦୌଲତକୁ ଆଦର କରିବା ଉଚିତ ନୁହେଁ ?

ଉତ୍ତର—ହଁ, ଆଦର କରିବା ଉଚିତ । କିନ୍ତୁ ସବୁବେଳେ ମନେ ରଖିବାକୁ ହେବ ଯେ ନିଆଁ ପାଖକୁ ପତଙ୍ଗ ଉଡ଼େ । ମାତ୍ର

ବନିଶି ଧରେ । ତେଣୁ ମନରେ ମୋହ ନରଖି ସେମାନଙ୍କର ଆଦର ଓ କଦର କରିବା ଉଚିତ ।

ପ୍ରଶ୍ନ—କେମିତି କରିବ ?

ଉତ୍ତର—ନିଜର ପ୍ରୟୋଜନ କମାଇବ । ମନକୁ ଅଳ୍ପରେ ସନ୍ତୁଷ୍ଟ କରିବ । ଏହିପରି ଆଖି ପାଉ ନଥିବା ନାନା ପ୍ରକାରର କାମନା ଭିତରେ ନିଜର ଦରକାର କମାଇବ । ଆମେ ଆମର ରୂପ ଯୌବନ ଓ ଧନ ସମ୍ପଦକୁ ଆଦର କଲେ ମଧ୍ୟ ମୋହ-ମୁକ୍ତ ହୋଇ ପାରିବା । ଆଉ ଯେବେ ଦୁନିଆ-ଯାକର ଧନ ପାଖରେ ଆଖି ଠୁଳାଇ ନିଜ ପେଟକୁ ବି ଖାଇ ନପାରିବା; ଯେତେ ଅଧିକ ମିଳିବ, ତହିଁରୁ ଅଧିକ ଖୋଜି ବୁଲିବା ତେବେ ଆମେ ସବୁବେଳେ କାମନା-ବନ୍ଧରେ ଜରିହୋଇ କଷ୍ଟ ପାଉଥିବା ସିନା । କାମନା ବଡ଼ ଭୀଷଣ ।

ପ୍ରଶ୍ନ—କେମିତି ?

ଉତ୍ତର—ଯେତେ ଯାହାହେଲେ ବି ମଣିଷ ମଲାବେଳକୁ ଆପଣା ହାତରେ ଚଉଦ ପା'ରୁ ବେଶି ଭୂମି ନେଇପାରିବ ନାହିଁ । ତାକୁ ତ ନିଜ ଲୋକେ ଲଙ୍ଗଳା କରି ଛାଡ଼ିଦେବେ । ପୋଡ଼ପାଡ଼ ପାଉଁଶ ହେଲାବେଳକୁ ସବୁ ମିଶି ବି ତୋଷ ପୋଷେ ହେବ ସିନା । ଏଇ ପୃଥିବୀଟା କେତେ ବଡ଼ ! ବିଶ୍ୱ ବ୍ରହ୍ମାଣ୍ଡକୁ ଗୃହିଁଲେ ଆମର ଏଇ ବସୁନ୍ଧରା ଗୋଟିଏ ଛୋଟିଆ ମାଟି ପିଣ୍ଡୁଳା ପରି । ତା'ର ଚାରିଆଡ଼େ ପାଣିଧାର ଘେରିରହିଛି । ସେହି ମାଟିପିଣ୍ଡୁଳାକୁ ଭାଗ କରିବା ପାଇଁ କେତେ ଲୋକ ଯୁଦ୍ଧ କରି, ରଜା ବୋଲାଇ ଏଠି ସେଠି ରହିଛନ୍ତି । ଆଉ ତାକୁ କହୁଛନ୍ତି—ସେଇଟା

ରାଜ୍ୟ ! ସେମାନେ କ’ଣ ଶ୍ରେଷ୍ଠ ନୁହନ୍ତି ? ରାଜ୍ୟ ବଢ଼ିଲେ କ’ଣ ରାଜାର ମାନ ସତରେ ବଢ଼େ ?

ପ୍ରଶ୍ନ—ତେବେ କଣ ବଡ଼ ସ୍ଥାନ କିଛି ନାହିଁ ?

ଉତ୍ତର—ବଡ଼ ସାନ ରହିଛି । କିନ୍ତୁ ସେ ସବୁଥିରେ ମଣିଷର କଷ୍ଟ ଖାଲି ବଢ଼ୁଛି ସିନା ! ମଣିଷ ପ୍ରଥମେ ଶ୍ରେଷ୍ଠ ଥାଏ । ପରେ ତାର ବଦ୍ଧ୍ୟାଧନ ସେତିକି ବଢ଼େ, ତାକୁ କେହି ସେ କିଛି ନୁହେଁ ବୋଲି କହିଦେଲେ ସେ ବହୁତ ଦୁଃଖ ପାଏ । ବଡ଼ ଲୋକର ପିଲାକୁ ଯଦି ଆମେ ତାର ସୁନ୍ଦର ପୋଷାକ ବିଷୟରେ ନ କହି ପରିଶ୍ରମ କରିବାର ଶକ୍ତି ଅବା ଦରକାର ବିଷୟରେ କହିବା. ତେବେ ତ ସେ ସେହି ସ୍ଥାନ ଛାଡ଼ି ପଳାଇବ । ତେଣୁ ବଡ଼ ସାନ କଥା ନ ଭାବି ମନକୁ ଶାସନ କରିବା ଉଚିତ । ଯୌବନର ଉତ୍ତାପରେ ମଣିଷ ସିନା ସବୁ ଜିନିଷକୁ ଅଲଗା ପ୍ରକାରର ଦେଖୁଥାଏ । ବେଳରେ ସେମାନେ ଭୁଲି ଯାଆନ୍ତି । ଯେତେ ବଡ଼ ପ୍ରତିଷ୍ଠା ହେଉ ନା କାହିଁକି, ଯେତେ ଧନ, ପରିଜନ, ବନ୍ଧୁ ଥାନ୍ତୁ ନା କାହିଁକି, ବେଳକୁ ସେମାନେ ନାଶ ହୋଇଯାଆନ୍ତି । ସେତେବେଳେ ତ ଠାକୁରଙ୍କ ନାମ ନେବାକୁ ଆମେ ବାଧ । ତେଣୁ ରେ ମନ ! ତୁ ସବୁବେଳେ ଅନ୍ୟର ମନ ନେବାକୁ ଯତ୍ନ ନ କରି ମନ ଭିତରେ ଥିବା “ଚିନ୍ତାମଣି”ଙ୍କୁ ସ୍ମରଣ କରିବାକୁ ଶିଖ । ସଂସାରରେ ସବୁ ଜିନିଷକୁ ଭୟ କରିବା ଉଚିତ୍ ।

ପ୍ରଶ୍ନ—ଭୟ ନ କରି କଣ ଚଳି ହେବ ନାହିଁ ?

ଉତ୍ତର—ଭୋଗ ଥିଲେ ରୋଗର ଭୟ ଅଛି । କୁଳ ଥିଲେ କୁଳର କ୍ଷତି ଅଛି । ଧନ ଥିଲେ ରାଜଭୟ ଅଛି । ମଉନ ରହିଲେ

ଦରିଦ୍ରତାର ଭୟ ଅଛି । ବଳ ହେଲେ ଶତ୍ରୁର ଭୟ ଓ ରୂପ ଥିଲେ ବାର୍ଦ୍ଧକ୍ୟ, ଜ୍ଞାନ ଥିଲେ ବାଦବିବାଦ ଯେମିତି ଅଛି ଶରୀର ଥିଲେ ସେମିତି ମୃତ୍ୟୁ ଅଛି । ଏକମାତ୍ର ଭୟହୀନ ସ୍ଥାନ ହେଉଛି ପ୍ରଭୁଙ୍କ ଶ୍ରୀ ଚରଣ ।

ପ୍ରଶ୍ନ—ଆମେ ତ ଅନେକ ଅନୁଚିତ କାମ କରୁ ?

ଉତ୍ତର—କରିବା ଉଚିତ ନୁହେଁ । ସମସ୍ତଙ୍କ ଉପରେ କାଳ ବଡ଼ । ସେ ସବୁ ଜିନିଷ ଖାଇଯାଏ । ଆମେ ଯେମିତି ଦିନେ ମରିବା ସେହିପରି କେତେ କେତେ ବଡ଼ ରାଜ୍ୟ, ନଅର ଓ ପରାକ୍ରମୀ ଲୋକ ମରି ନାହାନ୍ତି କି ? ବାପ ମା ଆମକୁ ଜନ୍ମ ଦେଇଥିଲେ । ରହିପାରିଲେ ନାହିଁ । ପିଲାଦିନର ଭାଇ ଭଉଣୀ ବି ଗଲେ । ଆମେ ନିଜେ ବି ଯିବାକୁ ବାହାରିବୁ । ଯେଉଁଠି ଜଣେ ଥିଲା, ସେଠି ପଲେ ହେଲେଣି । ଆଉ ଯେଉଁଠି ଦଳେ ଥିଲେ, ସେଠି ଜଣେ ବି ନାହାନ୍ତି । କାଳପୁରୁଷ କ'ଣ ନ କରେ ? ତେଣୁ କେଇଦିନ ବା ସଂସାରରେ ରହିବା ! ସେତିକି ଦିନ ଈଶ୍ୱର ପୂଜା କାହିଁକି ନ କରିବା ?

ପ୍ରଶ୍ନ—ତାହାହେଲେ ଆମେ କଣ କରିବା ?

ଉତ୍ତର—ଆମେ ପ୍ରାର୍ଥନା କରିବା ଯେ—ଶୀଘ୍ର ମୋର ସେହି ଦିନ ଆସୁ । ଆଉ ମୁଁ ହିମାଳୟ ଯାଇ ଗଙ୍ଗା ନଦୀ କୂଳରେ ବିଧି-ପୂର୍ବକ ଆସ୍ଥି ବୁଝି ଯୋଗ ଅଭ୍ୟାସ କରି ପାରିବି । ମୋର ସେତେବେଳେ ଗୋଟିଏ ଠାକୁର ଥିବେ । ଗୋଟିଏ ନଦୀ ଥିବ—ସେ ହେଉଛି ଗଙ୍ଗାମାତା । ଗୋଟିଏ ଘର ଥିବ । ବରଗଛଟିଏ ହୋଇଥିବ ମୋର ଛତା । ମୁଁ ମରଣକୁ କି

କାଳପୁରୁଷକୁ ଡରିବ ନାହିଁ । ଆଶା ନଦୀରେ ପଡ଼ିବ ନାହିଁ । ମୋର ମନ ଅନ୍ୟ ପ୍ରକାର ହୋଇଥିବ ।

ପ୍ରଶ୍ନ—ମନ କେମିତି ହୋଇଥିବା ଉଚିତ ?

ଉତ୍ତର—ମନ ଆଶା-ନଦୀର କାମନାରୂପୀ ଜଳରେ ଭରି ନ ଥିବ । ସେଠି ତୃଷ୍ଣା-ରୂପକ ଲହରୀ ଉଠୁ ନ ଥିବ । ବିଷୟ-ରୂପୀ ସାଧାରଣ ଜଳଚର ପ୍ରାଣୀ ନଥିବେ । ତା'ର କୂଳରେ ଥିବ ଧୈର୍ଯ୍ୟରୂପକ ବୃକ୍ଷ । ଚିନ୍ତା ସେହି ଆଶାରୂପୀ ନଦୀର ଦୁଇକୂଳ ହୋଇଥିବ । ମନରେ ଧନ ଓ ଭୋଗର ଚିନ୍ତା ନ ଥିବ ।

ପ୍ରଶ୍ନ—ଆମେ ସେଠି ରହି କ'ଣ କରିବା ?

ଉତ୍ତର—ଆମେ ସେଠାରେ ଧନୀ, ପରାକ୍ରମୀ ଲୋକଙ୍କୁ ସନ୍ତୁଷ୍ଟ କରିବାକୁ ହାତ ଯୋଡ଼ୁ ନଥିବା । ବିଷୟୀ ଲୋକଙ୍କୁ ବଡ଼ ଆଖିରେ ଦେଖୁ ନଥିବା ।

ପ୍ରଶ୍ନ—ମଣିଷର ଜୀବନ କ'ଣ ଏତେ ଛୋଟ ?

ଉତ୍ତର—ଆକାଶରେ ଝଟକୁଥିବା ବିଜୁଳି ପରି, ଦେହଧାରୀ ମଣିଷର ଭୋଗ ଝଟକେ ଉଡ଼ି ଲିଭିଯାଏ । ଝଡ଼ ଭିତରର ମେଘ ପରି ଆୟୁଷ କ୍ଷଣଭଙ୍ଗୁର । ତେଣୁ ଈଶ୍ୱର-ଭକ୍ତି ଶ୍ରେଷ୍ଠ । ସେହି ଲୋକ ଧନ୍ୟ ଯେ ନିଜର ସଂସାର ବନ୍ଧନ ଛିଣ୍ଡାଇ ପାରନ୍ତି । ଯାହାର ମନରେ ବିଷଧର ସାପ ପରି ବିଷୟ-ଚିନ୍ତା ନାହିଁ । ଆଉ ଯେ ତା'ର ମନକୁ ସବୁବେଳେ ପ୍ରସନ୍ନ ରଖିପାରନ୍ତି । ସେ ତା'ର

ମନକୁ ବୁଝାଇ ପାରୁଛି—ରେ ମନ ! ସବୁବେଳେ କଲ୍ୟାଣ-ମାର୍ଗରେ ଚାଲିବୁ । ସେ ମନକୁ କହିପାରୁଛି—ରେ ମନ ! ତୁ ମୂଢ଼ ପରି ପରର ଦେଖି ଉଚ୍ଛଳ ବିକଳ ହେବୁ ନାହିଁ ।

ପ୍ରଶ୍ନ—ସଂସାର କ'ଣ ପ୍ରକୃତରେ ଅନିତ୍ୟ ?

ଉତ୍ତର—ହଁ, ଏଠି ସବୁଦିନର ଘଟଣା ହେଉଛି—ଏଇ ବସୁନ୍ଧରା ଓ ଆକାଶ । ଆକାଶ ହେଉଛି ଚାନ୍ଦୁଆ । ମାଟି ହେଉଛି ଶେଯ । ଆକାଶର ଚନ୍ଦ୍ର ଓ ନକ୍ଷତ୍ରମାନେ ହେଉଛନ୍ତି ଦୀପ । ବହି ଆସୁଥିବା ପବନ ହେଉଛି ପଙ୍ଖା । ଏଠାରେ ଦିନରାତି ପରି ଦୁଃଖସୁଖ ପଛକୁ ପଛ ଲାଗିରହିଛି । ମଣିଷ ଭଲରେ ଥିଲାବେଳେ ସେଇଟା ହେଉଛି ତା'ର ଦିନ । ଦୁଃଖ ଆଘାତ ଓ ବିପଦ ଆସିଲେ—ତା'ର ହୁଏ ରାତି । ସୁଖ ଭୋଗିଲେ ଅବଶ୍ୟ ଦୁଃଖ ଭୋଗିବାକୁ ହେବ । ତେବେ ବି ମଣିଷ ସେଇଥିରେ ବାରମ୍ବାର ପଡ଼େ ଓ ପଡ଼ିବାକୁ ଚାହେଁ । ଏଇ ସୁଖଦୁଃଖ ହେଉଛନ୍ତି ଅନିତ୍ୟ । ସଂସାରର ମାୟା ମଧ୍ୟ ସେମିତି ଅନିତ୍ୟ ।

ପ୍ରଶ୍ନ—ତେବେ ଆମେ କ'ଣ କରିବା ?

ଉତ୍ତର—ଆମେ ଏପରି କାମ କରିବା ଯେଉଁଥିରେ ଆମ ମନରେ ପାଇଲୁ ବୋଲି ଆନନ୍ଦ ଆସିବ ନାହିଁ, କି ହଜେଇଲୁ ବୋଲି ଦୁଃଖ ହେବ ନାହିଁ । ଦୁଃଖସୁଖରେ ଘାରି ହେବା ହେଉଛି ସଂସାରର ବନ୍ଧନ । ତେଣୁ ଆକାଂକ୍ଷା ବା କାମନା ନରଖି ଭଗବାନଙ୍କର ପୂଜା କରିବା ହେଉଛି ଆମର ପ୍ରକୃତ କର୍ତ୍ତବ୍ୟ । ଆୟୁଷ ସମୁଦ୍ରର ଲହରି ପରି । ଯୌବନ ଦୁଇଦିନଆ । ଆୟୁ

କରିବାର ସଙ୍କଳ୍ପ ସେମିତି କ୍ଷଣସ୍ଥାୟୀ । ସୁଖ ଭୋଗ ହେଉଛି ବର୍ଷାର ବାଦଲ ଘେରା ଆକାଶର ବିଜୁଳି ପରି ଚଞ୍ଚଳ । ଭଲ ପାଇବା ସେମିତି ବଡ଼ କ୍ଷଣସ୍ଥାୟୀ । ସବୁବେଳେ ଏଇ ଭୟ । ଏଇ ଭୟରୁ ନିସ୍ତାର ପାଇବା ପାଇଁ ବ୍ରହ୍ମ ଆରାଧନା ହେଉଛି ଏକମାତ୍ର ଉପାୟ । ଆମେ ଏପରି ମନକୁ ଗଢ଼ିନେବା ଯହିଁରେ ସଂସାରର ସବୁ ଧନସମ୍ପତ୍ତି ଆମକୁ ଅତି ତୁଚ୍ଛ ଜଣାଯିବ । ସବୁବେଳେ ଆମେ ଯେପରି ଆଖିରେ ବିବେକର ଅଞ୍ଜନ ଲଗାଇ ସଂସାରର ମାୟାଠାରୁ ଦୂରରେ ରହିବା ।

ପ୍ରଶ୍ନ— ତାହାହେଲେ କ'ଣ ସବୁବେଳେ ଭିକ୍ଷା କରି ବୁଲୁଥିବା ?

ଉତ୍ତର—ମାନ ଅପମାନ, ଗର୍ବ ଅହଙ୍କାର ପ୍ରବୃତ୍ତି ନଥିଲେ ଆମେ ପୃଥିବୀକୁ ମା, ପବନକୁ ବାପ, ନିଜ ଶକ୍ତିକୁ ବନ୍ଧୁ, ଆକାଶକୁ ଭାଇ ଜ୍ଞାନ କରି ଯାହା ମିଳିଲା ସେତିକରେ ସନ୍ତୁଷ୍ଟ ରହି-ପାରିବା । ଏଇ ଜୀବନ ଥିବାଯାକେ ଆମର ଅଙ୍ଗପ୍ରତ୍ୟଙ୍ଗ ଦୁର୍ବଳ ହେବା ପୂର୍ବରୁ ମନଦେଇ ଯଥାସାଧ୍ୟ ଆତ୍ମାର ଉନ୍ନତି ପାଇଁ ଚେଷ୍ଟା କରିବା ଉଚିତ । ଆମର କାମନା ହେଉ—ଅନ୍ୟକୁ ଜୟ କରିବା ପାଇଁ ଆମେ ଯେପରି ଆମ ବୁଦ୍ଧିବିଦ୍ୟା ଓ ଶକ୍ତିକୁ ନ ଲଗାଉ । ସବୁବେଳେ ଆମର ମନେ ରଖିବା ଉଚିତ ଯେ ଆମ ପାଖରେ ମରଣ ଆସି ପହଞ୍ଚି ଗଲାଣି । ତେଣୁ ସମସ୍ତେ ଆମର ବନ୍ଧୁ । ଯାହାକୁ ଆମେ ନଷ୍ଟ କରିବାକୁ ଚାହୁଁଥିଲୁ ଓ ଯିଏ ଆମର କ୍ଷତି କରିବାକୁ ଚାହୁଁଥିଲା, ସମସ୍ତେ ଯେପରି ଆମର ବନ୍ଧୁ । ସମସ୍ତେ ଆମର କୁଟୁମ୍ବ । ଯେ ଆମଠାରୁ ବଡ଼ ହୋଇଛି, ସେ ଆମର ଯେମିତି ନିଜର, ଯିଏ

ଆମଠାରୁ ଶ୍ରେଷ୍ଠ ହୋଇ ରହିଛନ୍ତି ସେ ବି ଆମର ସେମିତି ପ୍ରିୟ ଲୋକ । ସବୁବେଳେ ଆମକୁ ଓ ଆମର କାମକୁ ଭଗବାନ ଲକ୍ଷ୍ୟ ରଖିଛନ୍ତି ।

ପ୍ରଶ୍ନ—ଭଗବାନ କଣ ଆମକୁ ସାହାଯ୍ୟ କରିବେ ?

ଉତ୍ତର—ନିଶ୍ଚୟ କରିବେ । ନିଜ ଚେଷ୍ଟାକୁ ମନରେ ବଡ଼ ସ୍ଥାନ ନ ଦେଇ ତାଙ୍କ ଉପରେ ଭରସା ରଖିଲେ ନିଶ୍ଚୟ ଭଲ ହେବ । ସଂସାରର ଧନକୁ ନିଜର ନକଲେ ମନ ଖରାପ ହେବ ନାହିଁ । ସୁନ୍ଦର ଫୁଲର ସୁବାସ, କୋଇଲିର ମଧୁର ଗୀତ ଓ ଦକ୍ଷିଣା ପବନକୁ ଠାକୁରଙ୍କ କରୁଣା ବୋଲି ମନେକଲେ, ସଂସାରର ସୁନ୍ଦର ଜିନିଷ ଦେଖି ମନ ବିଚଳିତ ହେବ ନାହିଁ । ସୁଖ ଓ ଦୁଃଖ ପ୍ରତି ମନ ଏକା ପ୍ରକାରର ହେବ । ମନ ସିନ୍ଧ ନିର୍ମଳ ରହିଲି ଆଉ ଜପତପରେ କି ଲାଭ ? ସବୁ ଥାଇ ଯେବେ ଆମ ପାଖରେ ପଶୁପକ୍ଷୀ ନିର୍ଭୟରେ ବସି ନପାରିଲେ, ତାହାହେଲେ ଏଇ ମନୁଷ୍ୟ ଜନ୍ମ ପାଇ ଆମର କି ଲାଭ ହେଲା ? ଜନ୍ମ ମରଣରେ ସମସ୍ତେ ବନ୍ଧା । ତେଣୁ ଆସିବା ଲୋକ ଓ ଚାଲିଯିବା ଲୋକ କାହାରିପାଇଁ ମନରେ ସୁଖ କିମ୍ବା ଦୁଃଖ ରଖିବ ନାହିଁ । ଜୀବନ ଅତି ଶ୍ରେଷ୍ଠ ।

ପ୍ରଶ୍ନ—କାହିଁକି ? ଆମେ ତ ଏତେ ଦିନ ବଞ୍ଚୁଛୁ ?

ଉତ୍ତର—ଶହେ ବର୍ଷର ପରମାୟୁରୁ ପଚାଶ ବର୍ଷ ଆମେ ରାତି ବୋଲି ଶୋଇ ଶୋଇ କଟାଉଛୁ । ବଳିଥିବା ପଚାଶ ବର୍ଷରୁ ଅଧେ ପିଲାଦିନ ଓ ବୁଢ଼ାଦିନ ହୋଇ ପଚିଶି ବର୍ଷ ଚାଲିଯାଉଛି । ବାକି ଯୋଉ ପଚିଶି ବର୍ଷ ରହିଲା, ସେଥିରେ ନିଜର ରୋଗ, ନିଜ ଲୋକଙ୍କ ମରଣ ଆଉ ନାନା ପ୍ରକାରର

ଦୁଃଖ-ମିଶା କାମରେ ଅଧିକାଂଶ ନଷ୍ଟ ହେଉଛି । ତାହାହେଲେ ଆମର ବଳଲା କେଉଁଦିନ । ଯେଉଁଥିରେ ଅବା ସୁଖ କେତେ ? ତେଣୁ ଏହି ସୁଖ ପାଇଁ ଖୋଜି ବୁଲିଲେ କ'ଣ ବା ଲାଭ ହେବ ? ଆମର ବୁଢ଼ା ବୟସ ହେଉଛି ବାଘ ସାଙ୍ଗରେ ସମାନ । ଆଗରେ ଠିଆ ହୋଇଛି । ଜୀବନ ହେଉଛି ଫୁଟା ମାଠିଆରେ ଥିବା ପାଣି ପରି—ଗଡ଼ି ଚାଲିଛି । ତେଣୁ ସୁବିଧା ଥିଲାବେଳେ ଉଚିତ କର୍ମ କରିବା ବିଧେୟ ?

ପ୍ରଶ୍ନ—ବୁଢ଼ାଦିନେ କ'ଣ ହୁଏ ?

ଉତ୍ତର—ବୁଢ଼ା ଦିନେ କେହି ତ ପଚାରନ୍ତି ନାହିଁ । ଆଖିକୁ ଭଲ ଦିଶେ ନାହିଁ । କାନକୁ ଶୁଭେ ନାହିଁ । ଦେହର ଚଳବା-ଶକ୍ତି କମିଯାଏ । ସ୍ତ୍ରୀ, ପିଲା, ବନ୍ଧୁ ପରିଜନ, ଭାଇଭଉଣୀ ସମସ୍ତେ ଛାଡ଼ିଯାଆନ୍ତି । ସେହି ପରିବାରକୁ ନେଇ ଉଦ୍ଭ୍ରାନ୍ତ ହେବାର ଲାଭ କ'ଣ ?

ପ୍ରଶ୍ନ—ତେବେ କାହାକୁ ନେଇ ପରିବାର ଗଢ଼ିବ ?

ଉତ୍ତର—ତମର ବାପା ହେବେ ଧୈର୍ଯ୍ୟ । ମା ହେବେ କ୍ଷମା । ଭାର୍ଯ୍ୟା ହେବେ ଶାନ୍ତି । ବନ୍ଧୁ ହେବେ ସତ କଥା । ଭଉଣୀ ହେଉଛି ଦୟା । ମନର ସଂଯମ ହେଉଛି ଭାଇ । ଏଇ ମାଟି ହେଉଛି ତମର ବିଛଣା । ଜ୍ଞାନ ହେଉଛି ତମର ଭୋଜନ । ପ୍ରକୃତ ଲୋକର ଏଇମାନେ ହେଉଛନ୍ତି ପରିବାର । ଜୀବନ ବହିଯାଉଛି ।

ପ୍ରଶ୍ନ—କେମିତି ?

ଉତ୍ତର—ଯାହା ଯାଉଛି ଫେରିବ ନାହିଁ । ଯାହା ଗଲା ସେତିକି ଗଲା । ଏହି ପେଟ ହେଉଛି କଡ଼େଇ । ନିଷ୍ଠୁର ନ ହେଲେ

ପେଟ ପୋଷି ହେବ ନାହିଁ । ନିଜର ବଡ଼ପଣର ଗଣ୍ଡିଭିତରେ ରହି ନଚଳିଲେ, ଦୁଃଖ ସଂସାରରେ ବଡ଼ ହୋଇ ହେବ ନାହିଁ । ଏଇ ପେଟ ପୋଷିବାକୁ ଅନେକ ଛୋଟ ଛୋଟ କାମ କରିବାକୁ ହେବ । ତେଣୁ ଗରିବ ହେବାକୁ ଭୟ କରିବା ନାହିଁ । ଜୀବନର ଭଲ ସମ୍ପୂର୍ଣ୍ଣକ ଧର୍ମ ଆଉ କ୍ଷମତାଶାଳୀ ଲୋକର ସ୍ତୁତି କରି ଲାଭ କ'ଣ ? ବରଂ ହାତ ଦୁଇଟି ଦେଖାଇ ତୀର୍ଥ କ୍ଷେତ୍ରରେ ଭିକ୍ଷା କରି ପେଟ ପୋଷିବା ଏଠାରେ ଗୁଣ ଭଲ । ସେମାନେ ନ ବୁଝି ଗାଳିଦେବେ । ତମେ ଓଲଟି ଗାଳିଦେଲେ ସେହି କ୍ଷମତାର ଅଧିକାରୀ ଲୋକେ ତମ ସାଙ୍ଗରେ ଅବହେଳା କରିବେ । କିନ୍ତୁ ଠାକୁରଙ୍କୁ ସେମିତି ହାତଯୋଡ଼ି କହିଲେ ସେ ତ କେବେ ଗାଳିଦେବେ ନାହିଁ ।

## ପ୍ରଶ୍ନ—ଆମେ ଡରିବେ କ'ଣ କରୁଛୁ ?

ଉତ୍ତର – ଆମର ଆଖି, କାନ, ପାଟି ଆଦି ଇନ୍ଦ୍ରିୟମାନଙ୍କର ସେବା କରିବା ପାଇଁ ବଡ଼କୁ ଦେଖି ମନେ କରି ଈଶ୍ୱରଙ୍କୁ ଭୁଲି ମଣିଷର ସେବାରେ ଲାଗୁଛୁ । ଯେଉଁମାନେ ନିଜର ଆତ୍ମାକୁ ବଳି ଦେଇ ବିବେକକୁ ପୋଡ଼ି ଦେଇ ନିଜର ବଳବୁଦ୍ଧିରେ ପରର କ୍ଷତି କରି ନିଜର ବଡ଼େଇ କରୁଛନ୍ତି, ସେହି ଦୁଷ୍ଟ ଲୋକଙ୍କର ସେବା କରି ବୁଲୁଛୁ । ସେଥିରେ କ'ଣ ନିଜର ଆତ୍ମାର ଉନ୍ନତି ହେବ କି ? ସନ୍ନ୍ୟାସୀ ଲୋକଙ୍କୁ ଏ ସବୁ ଖୋଜା ହୁଏ ନାହିଁ । ଅଳ୍ପରେ ସେମାନେ ସନ୍ତୁଷ୍ଟ । ସେମାନେ ନିଜେ ନିଜର ବନ୍ଧୁ । ଈଶ୍ୱର ତାଙ୍କର ଗୁରୁ ।

ପ୍ରଶ୍ନ—ସନ୍ନ୍ୟାସୀ କ'ଣ ସଂସାରରେ ସଂସାରୀ ପରି ଚଳନ୍ତି ନାହିଁ ।

ଉତ୍ତର— ନାଁ, ସେମାନେ ରାଜାଙ୍କୁ ଘୃଣା କରନ୍ତି ନାହିଁ କି ଭୟ କରନ୍ତି ନାହିଁ । କୌଣସି ଜନିଷ ପ୍ରତି ତାଙ୍କର ମାୟା ନଥାଏ କିମ୍ବା ପାଇବାକୁ କାମନା ନଥାଏ । ତେଣୁ ସେମାନେ ଅଧମର ସେବା କରନ୍ତି ନାହିଁ । ସେମାନେ ପେଟ ପୋଷିବାକୁ ଅନ୍ୟାୟ ଅର୍ଜିତ କରନ୍ତି ନାହିଁ । ପଶୁରାଜ ସିଂହ ପରି ବଳବାନ୍ ନହେଲେ ବି ସାମାନ୍ୟ ପକ୍ଷୀ ଆକାଶରେ ଉଡ଼ିପାରେ । ସେ କ'ଣ ବଳ ନ ଥିଲେ ବି ବଳବାନ୍ ଲୋକଠାରୁ ଉଚ୍ଚରେ ନୁହେଁ ?

ପ୍ରଶ୍ନ—ପ୍ରଥମ ଶ୍ଳୋକଟି କ'ଣ ?

ଉତ୍ତର— ୟାମ୍ ଚିନ୍ତାୟାମି ସତତଂ ମୟି ସା ବିରକ୍ତା
ସା ପି ଅନ୍ୟମ୍ ଇଚ୍ଛତି ଜନମ୍ ସ ଜନ ଅନ୍ୟାସକ୍ତ
ଅସ୍ମଦ କୃତେ ଚ ପରିଶୁଷ୍ୟତି କାଚିତ୍ ଅନ୍ୟା
ଧିକ୍ ତାଂଚ ତଂ ଚ ମଦନଂ ଚ ଇମାଂ ଚ ମାଂ ଚ

ପ୍ରଶ୍ନ—ଏଇଟା କେଉଁ ଶତକରେ ଅଛି ?

ଉତ୍ତର— ନୀତିଶତକର ପ୍ରଥମ ଶ୍ଳୋକ ହେଲେ ମଧ୍ୟ ଏହା ନୀତି-ଶତକ, ଶୃଙ୍ଗାରଶତକ ଓ ବୈରାଗ୍ୟଶତକ ପ୍ରତ୍ୟେକର ମୂଳ ସୂତ୍ର ପରି ।

( ଏହି ବହିର ପୃ ୪ ଦ୍ରଷ୍ଟା )

ପ୍ରଶ୍ନ—ନୀତି-ଶତକର ଗୋଟିଏ ଉଦାହରଣ ଦରକାର ।

ଉତ୍ତର — ପରିବର୍ତ୍ତିନି ସଂସାରେ ମୃତଃ କୋ ବା ନ ଜାୟତେ
ସଃ ଜାତୋ ଯେନ ଜାତେନ ଯାତି ବଂଶ ସମୁନ୍ନତିମ୍
(ଅର୍ଥ···ବହ୍ନିର ପୃ ୧୫ ଷ୍ଠା)

---

ପ୍ରଶ୍ନ—ଶୃଙ୍ଗାର-ଶତକର ଗୋଟିଏ ଉଦାହରଣ ଦିଅନ୍ତୁ ।

ଉତ୍ତର — ଆବାସ କ୍ରିୟତାମ୍ ଗାଙ୍ଗେ ପାପବାରିଣୀ ବାରିଣୀ
ତରୁଣ୍ୟାଂ କୁଚମଧ୍ୟେ ବା ମନୋହାରିଣୀ ହାରିଣୀ

---

ପ୍ରଶ୍ନ—ବୈରାଗ୍ୟ-ଶତକରୁ ଗୋଟିଏ ନମୁନା ଦିଅନ୍ତୁ ।

ଉତ୍ତର—ଆୟୁଃ ବର୍ଷ ଶତମ୍ ନୃଣାମ୍ ପରିମିତଂ
ରାତ୍ରୌ ତଦର୍ଦ୍ଧଂ ଗତଂ
ତସ୍ୟା ଅର୍ଦ୍ଧସ୍ୟ ପରସ୍ୟ ଚ ଅର୍ଦ୍ଧଂ
ପରଂ ବାଲତ୍ୱ ବୃଦ୍ଧତ୍ୱୟୋ
ଶେଷଂ ବ୍ୟାଧି ବିୟୋଗ ଦୁଃଖ ସହିତଂ
ସେବା ଆଦିଭିର୍ନୀୟତେ
ଜୀବେ ବାରିତରଙ୍ଗ ଚଞ୍ଚଳତରେ
ସୌଖ୍ୟମ୍ କୁତଃ ପ୍ରାଣିନାଂ ।
( ଅର୍ଥ...ବହିର ପୃ ୩.୪ ଷ୍ଟା

---